୬ ଦିଲ୍ଲୀର ବିଜୟ ଯାତ୍ରା ଜାରି : ୬ ୱିକେଟରେ ହାରିଲା ବେଙ୍ଗାଲୁରୁ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

• ବର୍ଷ–୩୨ • ସଂଖ୍ୟା–୭୩ • ୧୧ ଅପ୍ରେଲ ୨୦୨୫, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-73 • 11th April 2025, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


DSPL-24



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ଣ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR : 10001/13/0049/2425

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅପ୍ରେଲ ୨୦୨୫ ଶୁକ୍ରବାର





# ଆମେରିକାରେ ବିଦେଶୀ ଛାତ୍ରଙ୍କ ଭିସା ରଦ୍ଦ ପ୍ରକ୍ରିୟା ଜାରି

**ୱାଶିଂଟନ୍, ନ୍ୟୁଜ୍ ବ୍ୟୁରୋ**

ଆମେରିକାର ଇମିଗ୍ରେସନ କର୍ତ୍ତୃପକ୍ଷ ହାର୍ଭାର୍ଡ, ଟଫ୍ଟସ ଓ ଷ୍ଟାନ୍‌ଫୋର୍ଡ ଭଳି ପ୍ରମୁଖ କଲେଜରେ ଅଧ୍ୟୟନରତ ବିଦେଶୀ ନାଗରିକଙ୍କ ପାଇଁ ଛାତ୍ରଭିସା ରଦ୍ଦ କରିଛନ୍ତି । ଏହା ଉଭୟ ଛାତ୍ର ଓ ସାମ୍ପ୍ରତିକ ସ୍ନାତକମାନଙ୍କୁ ପ୍ରଭାବିତ କରିଛି । ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖିବାକୁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରୟାସ ଚାଲିଥିବା ବେଳେ ବୈଦେଶିକ ସଚିବ ମାର୍କୋ ରୁବିଓ ଗତ ମାସରେ କହିଥିଲେ ଯେ ଏଭଳି ୩୦୦ କିମ୍ବା ତା'ଠାରୁ ଅଧିକ ଭିସା ବାତିଲ୍ କରାଯାଇଛି । ଆମେରିକୀୟ ଇମିଗ୍ରେସନ୍ ଲୟର୍ସ ଆସୋସିଏସନ୍‌ର ସରକାରୀ ସମ୍ପର୍କ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଶେଭ ଦଲାଲ-ଧେନି କହିଛନ୍ତି, ଆମେ ଏବେ ବି କ'ଣ ଘଟୁଛି ସେ ବିଷୟରେ ଜାଣିବାକୁ ଚେଷ୍ଟା କରୁଛୁ । ସବୁଠାରୁ ହାଇପ୍ରୋଫାଇଲ୍ ମାମଲା ମଧ୍ୟରୁ ଜଣେ ହେଉଛନ୍ତି ଟଫ୍ଟସ୍ ବିଶ୍ୱବିଦ୍ୟାଳୟର ତୁର୍କୀର ପିଏଚ୍‌ଡି ଛାତ୍ରୀ ରୁମେସା ଓଜତୁର୍କ, ଯାହାଙ୍କୁ ଗତ ମାସରେ ରାସ୍ତାରେ ଚାଲିବା ସମୟରେ ଫେଡେରାଲ ଏଜେଣ୍ଟମାନେ ଅଟକ ରଖିଥିଲେ । ଅନ୍ୟ ଜଣଙ୍କ ମଧ୍ୟରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ସ୍ନାତକ ମହମ୍ମଦ ଖଲିଲ ମଧ୍ୟ ସାମିଲ୍ ଅଛନ୍ତି, ଯାହାଙ୍କ ଭିସା ପାଲେଷ୍ଟାଇନ୍ ସମର୍ଥକ ବିକ୍ଷୋଭରେ ଅଂଶଗ୍ରହଣ କରିବା ପରେ ବାତିଲ୍ କରାଯାଇଥିଲା । ଉଭୟ ଓଜତୁର୍କ ଓ ଖଲିଲଙ୍କୁ ବର୍ତ୍ତମାନ ଇମିଗ୍ରେସନ୍ ଜେଲ୍‌ରେ ରଖାଯାଇଥିବା ବେଳେ ସରକାର ସେମାନଙ୍କୁ ଦେଶାନ୍ତର କରିବାକୁ ଚେଷ୍ଟା କରୁଛନ୍ତି । ନିକଟରେ କାଲିଫର୍ଣ୍ଣିଆରେ ଅନେକ ଛାତ୍ରଛାତ୍ରୀଙ୍କ ଭିସା ବାତିଲ୍ କରାଯାଇଛି । ୟୁସିଏଲ୍‌ଏ, ୟୁସି ବର୍କଲେ, ୟୁସି ଡେଭିସ୍, ୟୁସି ସାନ୍ ଡିଏଗୋ, ୟୁସି ସାନ୍ତା କ୍ରୁଜ୍ ଓ ଷ୍ଟାନଫୋର୍ଡ ସମେତ ଏକାଧିକ କଲେଜର ସ୍ନାତକ ଛାତ୍ରଛାତ୍ରୀଙ୍କ ଭିସା ବାତିଲ୍ କରାଯାଇଛି । ଡ୍ରାଇଭିଂ ନିୟମ ଉଲ୍ଲଂଘନ ଭଳି ସାମାନ୍ୟ କାରଣ ପାଇଁ ଦୁଇ ଜଣ ଅଜ୍ଞାତ ଛାତ୍ର ବିନା ପ୍ରକ୍ରିୟାରେ ଭିସା ବାତିଲ୍ କରାଯାଇଥିବା ଅଭିଯୋଗ କରି ଫେଡେରାଲ୍ କୋର୍ଟରେ ମାମଲା ଦାୟର କରିଛନ୍ତି । ଷ୍ଟାନ୍‌ଫୋର୍ଡ ଶୁକ୍ରବାର ଏକ ବିବୃତିରେ କହିଛି ଯେ ତାଙ୍କର ୬ ଜଣ ଛାତ୍ରଙ୍କ ଛାତ୍ରଭିସା ରଦ୍ଦ ହୋଇଛି । ହାର୍ଭାର୍ଡ ରବିବାର ରିପୋର୍ଟ କରିଛି ଯେ ବର୍ତ୍ତମାନର ୩ ଜଣ ହାର୍ଭାର୍ଡ ଛାତ୍ର ଓ ନିକଟରେ ୨ ଜଣ ଗ୍ରାଜୁଏଟ୍‌ଙ୍କ ଛାତ୍ରଭିସା ବାତିଲ୍ କରାଯାଇଛି । ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଡାର୍ଟମାଉଥ କଲେଜ, ମିନେସୋଟା ଷ୍ଟେଟ୍ ୟୁନିଭର୍ସିଟି, ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି ଓ ଓରେଗାନ୍ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟରେ ଅତିରିକ୍ତ ଛାତ୍ର ଭିସା ବାତିଲ୍ ହୋଇଥିବା ସୂଚନା ମିଳିଛି ।

# ପାନୀୟ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ଓ ଆଇରନ୍:କିଡ୍‌ନୀ ରୋଗୀ ସଂଖ୍ୟା ବଢୁଛି

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**



ପିଇବା ପାଣିକୁ ନେଇ ଏବେ ନୟାଗଡ଼ ଜିଲ୍ଲାରେ ସାଂଘାତିକ ସ୍ଥିତି । କେଉଁଠି ଆଦୌ ପାଣି ଟୋପେ ମିଳୁନି ତ ଆଉ କେଉଁଠି ଫ୍ଲୋରାଇଡ୍ ଓ ଆଇରନ୍‌ମିଶା ପାଣି ପିଇବା ଯୋଗୁ ଲୋକମାନେ କିଡ୍‌ନି ରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଧୀରେ ଧୀରେ ଏହି ସମସ୍ୟା ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ବ୍ୟାପିଲାଣି । ବିଶେଷ କରି ଦଶପଲ୍ଲା, ଗଣିଆ, ରଣପୁର ଓ ଭାପୁର ବ୍ଲକ୍ ଅଧିକ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି । ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ପରିସ୍ଥିତି ଏପରି ହେଲାଣି ଯେ, ଲୋକମାନେ ଏବେ ନଳକୂପ କିମ୍ବା କୂଅ ପାଣି ବ୍ୟବହାର କରିବା ପାଇଁ ଭୟ କଲେଣି । ମିଳିଥିବା ସୂଚନା ମୁତାବକ, ଭାପୁର ବ୍ଲକ୍‌ର ବିଟିପୁର, ଫତେଗଡ଼, ରାକମା, ଭାପୁର, କଇଁଥପୋଖରୀ, ପୋଡ଼ାସାହି, ଲେମାଲା, ମାଧପୁର, ପଥରଚକଡ଼ା, ଧାନଚାଙ୍ଗଡ଼ା ଭଳି ଏକାଧିକ ଗାଁର ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ । ପାଣିରେ ବହୁଳ ମାତ୍ରାରେ ଫ୍ଲୋରାଇଡ୍ ଓ ଆଇରନ୍ ଆସିବା ଯୋଗୁ ଲୋକମାନଙ୍କ ଦାନ୍ତଖରାପ ହେବା ସହ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଧାନଚାଙ୍ଗଡ଼ା ଗାଁରେ କିଛି ବର୍ଷ ହେବ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ୩୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ଏବେ ବି ଏହି ଗାଁରେ ୧୬ ଜଣ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ନଛିପୁର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଦିନକୁ ଦିନ କିଡ୍‌ନି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ପ୍ରାୟ ୩ ବର୍ଷ ଭିତରେ ଦୁଇ ଜଣ କିଡ୍‌ନି ଆକ୍ରାନ୍ତ ଆଖି ବୁଜିଥିବା ବେଳେ ଏବେ ବି ଗାଁରେ ୬ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ରଣପୁର ବ୍ଲକ୍‌ର ବାଉଁଶଗଡ଼ ପଞ୍ଚାୟତର ନୂଆସାହି ଗାଁ, ତାଳକଣି ପଞ୍ଚାୟତର ନରସିଂହପୁର ଓ ଏନ୍‌ଏସି ୱାର୍ଡ ୧୫ର ମାଆପଦର ଅଞ୍ଚଳରେ ଏମିତି ଅଭିଯୋଗ ଆସୁଛି । ଗଣିଆ ବ୍ଲକ୍‌ରେ ଦିନକୁ ଦିନ କିଡ୍‌ନି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦଶିପୁର, ଡଙ୍କାରିସାହି, ଛାମୁଣ୍ଡିଆ, ରାଇଗାଡ଼ିଆ, ରାଜିଙ୍ଗି ଓ ଧୋବାବୋରୋଇ ଆଦି ଗାଁରେ କିଡ୍‌ନି ରୋଗକୁ ନେଇ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳିଯାଇଛି । ବର୍ଷକରେ ଏହି ଗାଁଗୁଡ଼ିକରୁ କିଡ୍‌ନି ରୋଗରେ ୯ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ନେଇ କିଛି ବି ସ୍ଥାୟୀ ବ୍ୟବସ୍ଥା କରାଯାଉନାହିଁ । ଏ ନେଇ ଆରଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ କହିଛନ୍ତି ଯେ ଯେଉଁ ଅଞ୍ଚଳରୁ ଏମିତି ଅଭିଯୋଗ ଆସେ ସେଠାରୁ ପାଣି ନମୁନା ସଂଗ୍ରହ କରାଯାଇ ନୟାଗଡ଼ ଓ ଦଶପଲ୍ଲା ପରୀକ୍ଷାଗାରକୁ ପଠାଯାଏ । ପରୀକ୍ଷାରୁ ଯଦି ପାଣିରେ ଫ୍ଲୋରାଇଡ୍ କିମ୍ବା ଆଇରନ୍ ଥିବା ଜଣାପଡ଼େ, ଏହାକୁ ବ୍ୟବହାର କରିବା ପାଇଁ ସଂପୃକ୍ତ ଅଞ୍ଚଳବାସୀଙ୍କୁ ମନା କରାଯାଉଛି । ଏମିତି ସମସ୍ୟା ଜିଲ୍ଲାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖିବାକୁ ମିଳୁଛି । ଏଣୁ ସେମାନଙ୍କୁ କିପରି ସୁବିଧାରେ ପିଇବା ପାଣି ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ନିଆଯିବ ।

# ନର୍ସଙ୍କୁ ଦୁଷ୍କର୍ମ କରି ଫାର୍ମାସିଷ୍ଟ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜଣେ ନର୍ସଙ୍କୁ ବଳାତ୍କାର ଅଭିଯୋଗରେ ମହିଳା ଥାନା ପୋଲିସ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ବିଡ଼ିଏ କଲୋନୀରେ ରହୁଥିବା ଜଗତସିଂହପୁର ଅଞ୍ଚଳର ଦିବ୍ୟଜ୍ୟୋତି ବିଶ୍ୱାଳ । ସୂଚନାଯୋଗ୍ୟ, ସହିଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲ୍‌ରେ ଉଭୟ ଚାକରି କରିଥଲେ । ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପରେ ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ତାଙ୍କ ସହ ସମ୍ପର୍କ ରଖିଥିଲା । ଶେଷରେ ବିବାହ ପାଇଁ ମନା କରିବାରୁ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ ।

# ନାହିଁ ନାହିଁରେ ଚାଲିଛି ମେମୁ ଟ୍ରେନ୍:ଯାତ୍ରୀ ହନ୍ତସନ୍ତ

**କେନ୍ଦୁଝରର, ନ୍ୟୁଜ୍ ବ୍ୟୁରୋ**



ପ୍ରତିଦିନ ହଜାର ହଜାର ଯାତ୍ରୀ କେନ୍ଦୁଝରରୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ହେଉ ଅଥବା କଟକ ବଡ ଡାକ୍ତରଖାନାକୁ ଯାଇ ସ୍ୱାସ୍ଥ୍ୟର ଚିକିତ୍ସା କରିବାକୁ ହେଉ ଅଥବା କୋର୍ଟ କଚେରୀ ମାମଲାରେ ହାଇକୋର୍ଟରେ କାମ ପାଇଁ କେନ୍ଦୁଝରରୁ ସକାଳୁ ଖୋର୍ଦ୍ଧାରୋଡ଼ ଅଭିମୁଖେ ଯାଉଥିବା ମେମୁ ସ୍ପେଶାଲ୍ ଟ୍ରେନ୍ ଉପରେ ନିର୍ଭର କରିଥାନ୍ତି । ଏହି ଟ୍ରେନ୍ କେନ୍ଦୁଝର ଲୋକଙ୍କ ପାଇଁ ଲାଇଫ୍‌ଲାଇନ୍ କହିଲେ ଭୁଲ୍ ହେବନାହିଁ । କେନ୍ଦୁଝର ପୂର୍ବତଟ ରେଳବାଇ ଡିଭିଜନ୍‌କୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ବେଳେ ଟ୍ରେନ୍ ଯାତ୍ରୀଙ୍କ ସମସ୍ୟା ସମ୍ପର୍କରେ କେବେ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ । କେତେବେଳେ ଟ୍ରେନ୍‌ର କୋଚ୍ ସଫେଇ ହେଉନାହିଁ ତ କେତେବେଳେ ପାଣି ନାହିଁ । କେତେବେଳେ କୋଚ୍ ମଧ୍ୟରେ ଲାଇଟ୍ ଜଳୁନାହିଁ ତ କେତେବେଳେ କୋଚ୍ ଭିତରେ ବୁଢ଼ିଆଣି ଜାଲ । ଯାତ୍ରୀଙ୍କ ଅସନ୍ତୋଷ ପୂର୍ବତଟ ରେଳ ଡିଭିଜନ୍‌କୁ ଯେମିତି ଦେଖାଯାଉନାହିଁ । ପ୍ରତିଦିନ ଅଧିକ ସଂଖ୍ୟକ ଯାତ୍ରୀ ଏହି ଟ୍ରେନ୍ ଉପରେ ନିର୍ଭର କରି ଯିବା ଆସିବା କରୁଥିବା ବେଳେ ଏହି ଟ୍ରେନ୍‌ରେ ଅବଶ୍ୟକୀୟ କୋଚ୍ ଓ ସିଟ୍ ଅଭାବରୁ ଠିଆ ହୋଇ ଯାତ୍ରା କରୁଛନ୍ତି । ସୋମବାର ଖୋର୍ଦ୍ଧାରୋଡ଼ ଷ୍ଟେସନ୍‌ରୁ ବାହାରିଥିବା ମେମୁ ଟ୍ରେନ୍ ଭିତରେ ପାଣି ନଥିବା ନେଇ ଯାତ୍ରୀ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ସକାଳୁ ଯାତ୍ରା କରୁଥିବା ଯାତ୍ରୀମାନେ ମଧ୍ୟ ଅନୁରୂପ ଅଭିଯୋଗ କରିଥିବା ଦେଖାଯାଇଥିଲା । ଏ ବିଷୟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ରେଳବିଭାଗର କର୍ତ୍ତୃପକ୍ଷ ସଚେତନ ହୋଇ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଧ୍ୟାନ ଦେଉନାହାନ୍ତି । ନିକଟରେ ଗତ ଡିସେମ୍ବର ମାସରେ ଏହି ଟ୍ରେନ୍‌ରେ ପାଣି ନଥିବା କାରଣରୁ ଜଣେ ଯାତ୍ରୀ ନିଜ ଝିଅକୁ ପାଣି ପିଆଇବାକୁ ଟ୍ରେନ୍‌ରୁ ତଳକୁ ଓହ୍ଲାଇ ଜେନାପୁର ଷ୍ଟେସନ୍‌ରେ ପାଣି ଆଣି ଆସୁଥିବା ବେଳେ ଟ୍ରେନ୍‌ରୁ ପଡି ତାଙ୍କର ମୃତ୍ୟୁ ହୋଇଥିଲା । ଏସବୁ ସତ୍ତ୍ୱେ ମଧ୍ୟ ପୂର୍ବତଟ ରେଳବାଇ ଜାଣିଶୁଣି କେନ୍ଦୁଝରକୁ ଆସୁଥିବା ଟ୍ରେନ୍‌ରେ ଅବହେଳା କରିଥିବାରୁ ଅନେକ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଖୁବ୍‌ଶୀଘ୍ର କେନ୍ଦୁଝର ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ଖୋର୍ଦ୍ଧାରୋଡ଼ ଡିଭିଜନ୍ ଡିଆର୍‌ଏମ୍‌ଙ୍କୁ ଭେଟି ଆଲୋଚନା କରି ଏହାର ତୁରନ୍ତ ତଥା ସ୍ଥାୟୀ ସମାଧାନ କରାଯିବ । ନଚେତ୍ କେନ୍ଦୁଝରବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ସଭାପତି ହିମାଂଶୁ ଶେଖର କୁଅଁର କହିଛନ୍ତି ।

# ସାଇବର ଠକେଇ ମାମଲା:ଜବତ ଟଙ୍କା ଅଭିଯୋଗକାରୀଙ୍କୁ ବାଣ୍ଟିଲା ପୋଲିସ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାଇବର ଅପରାଧ ବେଲଗାମ୍ ହୋଇଛି । ଯେତେ ସଚେତନ କଲେ ମଧ୍ୟ ଲୋକେ ଠକାମିର ଶିକାର ହେଉଛନ୍ତି । ଗତ ୩ ମାସ ମଧ୍ୟରେ ସାଇବର ଠକ ରାଜଧାନୀରୁ ୧୩ କୋଟି ଟଙ୍କା ଲୁଟି ନେଇଛନ୍ତି । ଅଭିଯୋଗ ପରେ ପୋଲିସ କେତେକ ମାମଲାରେ କିଛି ପରିମାଣରେ ଅର୍ଥ ଫେରାଇ ଆଣିବାରେ ସାଇବର ପୋଲିସ ସଫଳ ହୋଇଥିଲା । ଉକ୍ତ ଟଙ୍କାକୁ ବୁଧବାର ପୋଲିସ ପକ୍ଷରୁ ଅଭିଯୋଗକାରୀଙ୍କୁ ବଣ୍ଟା ଯାଇଛି । ଏନେଇ ପୋଲିସ ଟଙ୍କା ଫେରସ୍ତ ମେଳା ଆୟୋଜନ କରିଥିଲା । ପୋଲିସ ଉପାୟୁକ୍ତ ଜଗମୋହନ ମୀନା ଏହି ଟଙ୍କା ବାଣ୍ଟିଥିଲେ । ରାତାରାତି କୋଟିପତି ହେବା ନିଶାରେ ଲୋକେ ଅପରିଚିତ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି । ସାଇବର ଠକଙ୍କ ଜାଲରେ ପଡ଼ି ଲୋକେ ସର୍ବସ୍ୱ ହରାଇବା ପରେ ଥାନାରେ ପହଞ୍ଚୁଛନ୍ତି । ଅଭିଯୋଗ ପରେ ପୋଲିସ ମାମଲା ରୁଜୁ ସହ ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ କରୁଛି । ସଠିକ୍ ସମୟରେ ହୋଇଥିବା ଅଭିଯୋଗର ତଦନ୍ତ କରି ପୋଲିସ ଟଙ୍କା ଫେରାଇ ଆଣିବାରେ ସଫଳ ହେଉଛି । ହେଲେ ଅପରିଚିତ ଲୋକଙ୍କ କଲ୍, ହିନ୍ଦୀରେ କଥା ହେଉଥିବା କଲ୍ ଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ନକଲି ଆପ୍‌ର ବ୍ୟବହାର ନକରିବା ଲାଗି ଉପାୟୁକ୍ତ ଶ୍ରୀ ମୀନା ଲୋକଙ୍କୁ ସଚେତନ କରିଛନ୍ତି । ସୂଚନା ଅନୁସାରେ, ଗତ ଜାନୁଆରୀରେ ୬ କୋଟିରୁ ଅଧିକ ଟଙ୍କା ସାଇବର ଠକ ଲୁଟି ନେଇଥିଲେ । ଅଭିଯୋଗ ପରେ ପୋଲିସ ୧.୫କୋଟି ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଥିଲା । ସେହିଭଳି ଫେବୃୟାରୀରେ ୩ କୋଟିରୁ ଅଧିକ ଟଙ୍କା ଲୋକେ ଠକେଇର ଶିକାର ହୋଇଥିବା ବେଳେ ୬୦ ଲକ୍ଷ ଟଙ୍କା ଠକଙ୍କ ଠାରୁ ପୋଲିସ ଫେରାଇ ଆଣିଥିଲା । ମାର୍ଚ୍ଚରେ ୩ କୋଟିରୁ ଅଧିକ ଟଙ୍କା ଲୋକେ ଠକେଇର ଶିକାର ହୋଇଥିବା ବେଳେ ୪୬ ଲକ୍ଷ ୭୫ ହଜାର ଟଙ୍କା ସାଇବର ଠକଙ୍କ ଠାରୁ ପୋଲିସ ଫେରାଇ ଆଣିବାରେ ସଫଳ ହୋଇଥିଲା ।



# ବିପୁଳ ପରିମାଣରେ ଚୋରା ମଦ ଜବତ:ମହିଳାଙ୍କ ସମେତ ୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବାପରେ ତାଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଟାଉନ୍, ଆଖପାଖ ଅଞ୍ଚଳ ରାଜକନିକା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ନଳପୋଖରୀ ଗ୍ରାମର ମହିନ୍ଦ୍ର ସ୍ୱାଇଁଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ଆୟତନ ଗ୍ରାମର ଯଦୁନାଥ ବିଶ୍ୱାଳଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ସାହାସପୁର ଗ୍ରାମର ଆନୀତ । ମଳିକଙ୍କ ଠାରୁ ୨୧ ଲିଟର ଦେଶୀ ମଦ, କାକାଟ ଗ୍ରାମର ରଘୁନାଥ ନାୟକଙ୍କ ଠାରୁ ୩୫ ଲିଟର ଦେଶୀ ରନ୍ଧା ମଦ ଏବଂ ପଳଶିଙ୍ଘ ଗ୍ରାମର ସଂଜୀବ ବାରିକଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୧୮ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚାନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

# ମାତୃଭାଷାରେ ହୋଇପାରୁନି ସରକାରୀ ନଥି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ନୂତନ ସରକାରକୁ ୧୦ ମାସ ହେବାକୁ ଯାଉଛି । ଓଡ଼ିଆ ଅସ୍ମିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି । ତେବେ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ଯେଭଳି ଗୁରୁତ୍ୱ ଦିଆଯିବା କଥା ତାହା ହୋଇପାରୁନାହିଁ । ପୂର୍ବରୁ ଯେଉଁ ଧାରା ରହିଥିଲା ସେଥିରେ ବିଶେଷ ପରିବର୍ତ୍ତନ ଆସିନାହିଁ । ଜିଲ୍ଲାସ୍ତରରୁ ବିଭିନ୍ନ ବିଭାଗ ଓ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ନିଷ୍ପତ୍ତି ହୋଇଥିଲା । ସେହିପରି ସରକାରୀ କର୍ମଚାରୀମାନେ ସେମାନଙ୍କ ନାମଫଳକ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ଏହାର ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ନିର୍ଦ୍ଦେଶ ହୋଇଥିଲା । ଏହି ନିର୍ଦ୍ଦେଶାନାମକୁ ବର୍ଷେ ବିତିବାକୁ ଯାଉଥିଲେ ମଧ୍ୟ ଏହାର ସଫଳତା ଦେଖିବାକୁ ମିଳିନି । ଏବେବି ସରକାରୀ କାଗଜପତ୍ର ଇଂରାଜୀରେ ଚାଲିଛି । ସେହିପରି କିଛି ସରକାରୀ ନଥି ଉପରେ ଓଡ଼ିଆ ଲେଖାଥିବା ବେଳେ ଭିତରେ ଇଂରାଜୀ ଭାଷା ଦେଖିବାକୁ ମିଳୁଛି । ଗଞ୍ଜାମ ଜିଲ୍ଲା ପ୍ରଶାସନ, ବ୍ରହ୍ମପୁର ମହାନଗର ପ୍ରଶାସନ, ଶିକ୍ଷା ବିଭାଗ, ମେଡ଼ିକାଲ୍ ଓ ପୋଲିସ ପକ୍ଷରୁ ପ୍ରକାଶ ପାଉଥିବା ବିଜ୍ଞପ୍ତି, ପ୍ରେସ୍ ବିବୃତ୍ତି, ନିର୍ଦ୍ଦେଶନାମା ଓ ନିୟମାବଳୀରେ ଇଂରାଜୀ ଭାଷାର ପ୍ରାବଲ୍ୟତା ଦେଖିବାକୁ ମିଳୁଛି । କାଁ ଭାଁ କ୍ୱଚିତ୍ ଓଡ଼ିଆ ଭାଷା ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ବଡ଼କଥା ହେଉଛି ଗତ ୬ ବର୍ଷ ହେଲା ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ ଅଧିକାରୀଙ୍କୁ ଓଡ଼ିଆ ଭାଷା ବ୍ୟବହାର ନେଇ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ନୂଆ ସରକାର ଆସିବା ପରେ ଏହି ବ୍ୟବସ୍ଥାରେ ଡ଼ୋରି ଲାଗିଛି । ମହାନଗରରେ କାର୍ଯ୍ୟ କରୁଥିବା ଅନେକ ଅଧିକାରୀ କମ୍ପ୍ୟୁଟରରେ ଓଡ଼ିଆ ଟାଇପ୍ ଜାଣିନଥିବା ଜଣାପଡ଼ିଛି । ସୂଚନାଥାଉକି, ଗତ ଜୁନ୍ ୨୫ ତାରିଖରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଆ ଭାଷାର ବ୍ୟବହାର ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଥିଲା । ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଓଡ଼ିଶା ସରକାର ଭାଷା ନିୟମାବଳୀ ୨୦୧୬ରେ ସଂଶୋଧନ କରି ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପର୍ଯ୍ୟାପ୍ତ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହାର ଫଳ ଶୂନ୍ ରହିଛି । ଓଡ଼ିଆରେ ନାମଫଳକ ଓ ନମ୍ବର ପ୍ଲେଟ୍ ଶତ ପ୍ରତିଶତ ହୋଇପାରିନାହିଁ । ୨୦୧୦ରେ ସମସ୍ତ ଜିଲ୍ଲାର ସରକାରୀ ଅଧିକାରୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯାଉଥିଲା । ଏହି ପ୍ରଶିକ୍ଷଣରେ ଜିଲ୍ଲାପାଳ, ତହସିଲଦାର ଓ ବିଡ଼ିଓଙ୍କୁ ମଧ୍ୟ ସାମିଲ୍ କରାଯାଇଥିଲା । ହେଲେ ଏହା ମଧ୍ୟ ବନ୍ଦ ହୋଇଯାଇଛି । ମହାନଗର ନିଗମର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ସମସ୍ତେ ଇଂରାଜୀରେ କଥା ହେବା ସହ ଲେଖିବା ପାଇଁ ସହଜ ଭାବୁଛନ୍ତି । ନିୟମ ହେଉଥିଲେ ହେଁ, ଏହାର କଡ଼ାକଡ଼ି ପାଳନ ପ୍ରତି ସରକାର ଦୃଷ୍ଟି ନଦେଲେ ତାହା ସଫଳ ହୋଇପାରିବ ନାହିଁ । ସେହିପରି ସରକାର କେବଳ ଓଡ଼ିଆ ଅସ୍ମିତାର ନାରା ଦେଲେ ହେବନି । ଏହାକୁ କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଭାଷାବିତମାନେ କହିଛନ୍ତି ।

# ୨୦ ଟଙ୍କା ପାଇଁ ବାପର ନିସ୍ତୁକ ମାଡ଼ରେ ଝିଅ ଗୁରୁତର

**ଟାଙ୍ଗୀ, ନ୍ୟୁଜ୍ ବ୍ୟୁରୋ**

ସାମାନ୍ୟ ୨୦ ଟଙ୍କା ପାଇଁ ନିଜର ଝିଅକୁ ଜଣେ ବ୍ୟକ୍ତି ନିସ୍ତୁକ ପିଟିବା ଫଳରେ ସେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସମ୍ପୃକ୍ତ ବ୍ୟକ୍ତି ଘରର କବାଟ ବନ୍ଦ କରି ରସିରେ ବାନ୍ଧି ଝିଅକୁ ପିଟିଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଝିଅଟି ନିଜ ଜୀବନ ବଞ୍ଚାଇବା ପାଇଁ ପ୍ରାଣ ବିକଳରେ କବାଟ ଖୋଲି ବାହାରକୁ ଦୌଡ଼ି ପଳାଇ ଆସିଥିବା ଜଣାପଡ଼ିଛି । ଚିଲିକା ବ୍ଲକ ଜରିପଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ପୂର୍ଣ୍ଣ ବେହେରା ତାଙ୍କ ଝିଅ ଖୁସି ବେହେରା (୧୦)କୁ ୧୨୦ ଟଙ୍କା ଦେଇ ଦୋକାନକୁ କିଛି ସାମଗ୍ରୀ ପାଇଁ ପଠାଇଥିଲେ । ଖୁସି ସଉଦା ସବୁ କିଣି ସାରିବା ପରେ କୋଡିଏ ଟଙ୍କା ନିଜେ ଖର୍ଚ୍ଚ କରିଦେଇଥିଲେ । ଏହାଛଡ଼ା ଘରକୁ ଫେରିବାରେ ବିଳମ୍ବ ଯୋଗୁଁ ଝିଅ ଖୁସିକୁ ରସିରେ ବାନ୍ଧି ପିଟିଥିଲେ ବାପା ପୂର୍ଣ୍ଣ ବେହେରା । ପରେ ସେ ଖମାର ସାହିରେ ବସି କାନ୍ଦିବା ସମୟରେ ଖମାର ସାହିର ବାସିନ୍ଦା ଖୁସି ଠାରୁ ସବୁକିଛି ଶୁଣିବା ପରେ ଟାଙ୍ଗୀ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସମସ୍ତ କଥା ନାବାଳିକା ମୁହଁରୁ ଶୁଣି ସାରିବା ପରେ ତଦନ୍ତ ଆରମ୍ଭ କରିବା ସହିତ ଝିଅକୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା ।

# ଗଞ୍ଜେଇ ମାମଲାରେ ଅଭିଯୁକ୍ତ ଖଲାସ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଧାନବଳସ ଛକ ନିକଟରୁ ୧୮ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଲେ କୋର୍ଟ । ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ଦ୍ୱାରା ୨୦୨୩ ମସିହାରେ ଆମ୍ଭଝରୀ ଗ୍ରାମ ପଞ୍ଚାୟତ ଧାନବଳସ ଛକ ନିକଟରୁ ୧୮ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ ସୋମବାର ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି । ଜିଲ୍ଲା ଦୌରା ଜଜ୍ ପ୍ରତାପ କୁମାର ପାତ୍ର । ମିଳିଥିବା ସୂଚନା ଅନୁଯାୟୀ ପାବୁଲିପଡା ଗ୍ରାମର ଶ୍ରଦ୍ଧାକର କହଁରଙ୍କ ନିକଟରୁ ଧାନବଳସ ଛକରୁ ତା ୨୩. ୦୬. ୨୦୨୩ ରିଖରେ ୧୮ କେଜି ଗଞ୍ଜେଇ ଜବତ କରି କୋର୍ଟ ଚାଲାଣ କରିଥିଲା । ମାମଲା ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା । ମାମଲାରେ ଥିବା ୪ ଜଣ ସାକ୍ଷୀଙ୍କ ବୟାନ୍ ଓ ଅବକାରୀ ମୋବାଇଲ୍ ସ୍କ୍ୱାର୍ଡର ଦସ୍ତାବିଜ୍‌କୁ ବିଚାରକରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରା ଜଜ୍ ନିର୍ଦ୍ଦୋଷରେ ଖଲାସ୍ ଆଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ଆଇନ୍‌ଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୧।୪।୨୦୨୫, ଚୈତ୍ର ଦି୨୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୩।୦୧** **ଚନ୍ଦ୍ରୋଦୟ- ଦିଘ ୪।୪୮।୧୨**

**ଚତୁର୍ଦ୍ଦଶୀ-** ରାଘ ୩।୨୨ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି-** ଦିଘ ୩।୧୦ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୩।୨୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୬।୨୫ ମଧ୍ୟେ । ଦିଘ ୧୨।୧୩ ଗତେ ଦିଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ବିଷ୍ଣୁ ଦମନକ ଓ ଶିବ ଦମନକୋତ୍ସବ ।



**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବାର ସୂଚନା ।



**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନ ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସମସ୍ୟା ଦେଖାଦେଇପାରେ ।



**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।



**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବର ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।



**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ । ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ ।



**ମକର:** ଦେବ ଦର୍ଶନ ସହିତ ସେବା ଓ ପୂଜାର ସୁଯୋଗ ମଧ୍ୟ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅବଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକି ଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୪।୨୦୨୫, ଚୈତ୍ର ଦି୩୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୨।୧୨** **ଚନ୍ଦ୍ରୋଦୟ- ସଂଘ ୫।୩୨।୦୮**

**ପୂର୍ଣ୍ଣିମା-** ଅହୋରାତ୍ର । **ହସ୍ତା ନକ୍ଷତ୍ର-** ସଂଘ ୬।୦୮ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ୬୦ ଦଣ୍ଡ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଘ ୧।୦୨ ମଧ୍ୟେ । ରାଘ ୮।୧୯ ଗତେ ଘ ୧୦।୩୮ ମଧ୍ୟେ । **ପର୍ବୋତ୍ସବ-** ଚୈତ୍ରପୂର୍ଣ୍ଣିମା, ନାବପୂଜା, ହିଂଗୁଳା ଯଜ୍ଞ, ଚନ୍ଦ୍ରପୂଜା ।

୬ ଧୋନୀଙ୍କୁ ପୁଣି ଅଧିନାୟକ କଲା ସିଏସକେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୭୩ ● ୧୧ ଅପ୍ରେଲ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-73 ● 11th April 2025, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ ଜରିଆରେ ସୁଦୃଢ଼ କରାଯିବ ପ୍ରାଥମିକ ଶିକ୍ଷା

**କେନ୍ଦୁଝର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପୂର୍ବାହ୍ନ ସାଢେ ୧୦ଟା ସମୟରେ ଜିଲ୍ଲା ପୋଲିସ୍ ରିଜର୍ଭ ପଡିଆରେ ଓହ୍ଲାଇବା ପରେ ପ୍ରଥମେ ମୁଖ୍ୟମନ୍ତ୍ରୀ ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ର ଛାତ୍ରୀ ଜିଲ୍ଲା, ରାଜ୍ୟ ତଥା ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୈନ୍ୟ ବିଭାଗ ଓ ପ୍ରଶାସନିକ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନେକ ଅବସର ନେଲେଣି । ନିକଟରେ ଦେଶ ମାତୃକାର ସେବାରେ ସହିଦ ହୋଇଥିବା ରାଜକିଶୋର ମୁଣ୍ଡା ଏ ବିଦ୍ୟାଳୟର ଜଣେ ସୁନାମଧନ୍ୟ ଛାତ୍ର ଥିଲେ। ଏ ବିଦ୍ୟାଳୟ ଆଜି ତାଙ୍କ ବଳିଦାନରେ ଗୌରବାନ୍ୱିତ । ସେଭଳି ବୀର ସନ୍ତାନଙ୍କ ପାଇଁ କେବଳ ଏ ବିଦ୍ୟାଳୟ ନୁହଁ, କେନ୍ଦୁଝର ଜିଲ୍ଲା ନୁହଁ ବରଂ ସମଗ୍ର ଓଡିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ବିଦ୍ୟାଳୟ ଶିକ୍ଷା ବଜେଟକୁ ୩୧ ହଜାର କୋଟି ଟଙ୍କାରୁ ଅଧିକ କରିଛନ୍ତି ଯାହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଏବଂ ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ଆବଣ୍ଟନ। ଏହି ଅଧିକ ଖର୍ଚ୍ଚ ରାଜ୍ୟରେ ଶିକ୍ଷା ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ଗଢି ତୋଳିବାରେ ସାହାଯ୍ୟ କରିବ। ଶିକ୍ଷାର ବିକାଶ ପାଇଁ ଅନେକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି । ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ ଆଦି ଯୋଜନା ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି, ବୋଲି ସେ କହିଥିଲେ।

ଏହି ଅବସରରେ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭ତମ ବାର୍ଷିକ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରସ୍ୱତୀ ଶିଶୁ ମନ୍ଦିରର ପାଠପଢ଼ା ଶୈଳୀ ସମସ୍ତଙ୍କଠାରୁ ଭିନ୍ନ। ଏଠାରେ ପିଲାଙ୍କ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଏ। ତା ସହିତ ପିତାମାତା, ଗୁରୁ ତଥା ଗୁରୁଜନମାନଙ୍କୁ ସମ୍ମାନ, *(ପୃଷ୍ଠା ୭ରେ)*

# ଆଜି ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଓଡ଼ିଶାରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହେବ। କଟକ ବାଲିଯାତ୍ରା ପଡିଆଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଏହାର ଶୁଭାରମ୍ଭ କରିବେ। ସମାରୋହରେ ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ।



ଏସମ୍ପର୍କରେ ସୂଚନା ଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଶୁକ୍ରବାର ଅପରାହ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ଏଠାରେ ପହଞ୍ଚିବା ପରେ କଟକର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଐତିହାସିକ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଲୋକାର୍ପଣ କରିବେ। ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଏହି ଯୋଜନାରେ ଲାଭାନ୍ୱିତ ହେବେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଡିଆଟ୍ରିକର ନୂତନ ଭବନର ଉଦ୍‌ଘାଟନ କରିବେ । ଶ୍ରୀ ନଡ୍ଡାଙ୍କର ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ପୁରୀଠାରେ ହେବାକୁ ଥିବା ଦଳୀୟ ସାଂସଦ ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ବିଧିବଦ୍ଧଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି।

ସେ କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ପ୍ରଚଳିତ ଯୋଜନାରେ କେବଳ ୯୭୮ ହସ୍ପିଟାଲରେ *(ପୃଷ୍ଠା ୭ରେ)*

## ଆଇଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁସାରେ ଧରମ ହାଂସଦା ଜଙ୍ଗଲ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ରୀନା ମହାପାତ୍ରଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି।

ଲିଲି କୁମାରୀ କୁଲୁ ରାଜସ୍ୱ ବିଭାଗର ଯୁଗ୍ମ ସଚିବ ହୋଇଥିବା ବେଳେ ଆରାଧନା ଦାସଙ୍କୁ ଗୃହ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି । ସେହିପରି ଶ୍ରୀକାନ୍ତ ତରାଇ ବିଏସଇ ସଭାପତି ଦାୟିତ୍ୱ ବଜାୟ ରଖିଛନ୍ତି।

## ପାମ୍ ଅଏଲ କମ୍ପାନୀ ସହିତ ଓଡ଼ିଶା ସରକାରଙ୍କ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ୪ଟି ଜିଲ୍ଲା ପାଇଁ ୩ଟି ତୈଳ ପାମ କମ୍ପାନୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ବୁଝାମଣା ପତ୍ର ଅନୁଯାୟୀ, ପାମ ଅଏଲ କମ୍ପାନୀ ଦ୍ୱାରା ଓଡ଼ିଶାରେ ଏକ ବୃହତ ଅଏଲ ପାମ କ୍ଷେତ୍ର ପ୍ରସ୍ତୁତି ହେବ । ଏହା ରାଜ୍ୟର କୃଷି ଓ ଔଦ୍ୟୋଗିକ ବିକାଶରେ ଏକ ନୂତନ ଅଧ୍ୟାୟ ଆଣିବା ସହିତ ଚାଷୀଙ୍କୁ ଭଲ ମୂଲ୍ୟ ପ୍ରଦାନ ଓ ନିଯୁକ୍ତି ସୃଷ୍ଟିରେ ମଧ୍ୟ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଏହି ଅବସରରେ ଅଏଲ ପାମ କମ୍ପାନୀର ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରି କିହିଲେ ଯେ ଏହି ବୁଝାମଣା ପତ୍ର ରାଜ୍ୟରେ ଅଏଲ ପାମ ଚାଷ କ୍ଷେତ୍ରକୁ ବୃଦ୍ଧି କରିବ, ଯାହା ଫଳରେ ରାଜ୍ୟରେ ଖାଇବା ତେଲ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ପାଇବ ଏବଂ ଗ୍ରାମୀଣ ରୋଜଗାର ସୃଷ୍ଟି ହେବ। ଯାହା ଦ୍ୱାରା କୃଷକମାନଙ୍କର ସାମାଜିକ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିବ। ଏହି ବୁଝାମଣା ପତ୍ର ଓଡ଼ିଶାରେ କୃଷି ଉଦ୍ୟୋଗ ଓ ନିବେଶ ପାଇଁ ଅନୁକୂଳ ପରିବେଶ ତିଆରି କରିବାରେ ସହାୟକ ହେବ ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ । ଏହା ଦ୍ୱାରା ଚାଷୀ, ଯୁବ ଓ ଶ୍ରମିକମାନେ ଉପକୃତ ହେବେ।

ଅଏଲ ପାମ କମ୍ପାନୀ ପ୍ରତିନିଧିମାନେ ଓଡ଼ିଶାରେ ବିପୁଳ ସମ୍ଭାବନା ଥିବା ଅଏଲ ପାମ କ୍ଷେତ୍ରକୁ ଆମେ ଉନ୍ନତ ପ୍ରଯୁକ୍ତି ଓ ନୂତନ ନିବେଶ ସହିତ ଉନ୍ନତି କରିବାକୁ ପ୍ରତିବଦ୍ଧ ବୋଲି କହିଥିଲେ ।

ଏନ୍ ଏମ୍ ଇଓ-ଓପି ଯୋଜନାରେ ରାଜ୍ୟରେ ଅଏଲ ପାମ୍ କାର୍ଯ୍ୟକ୍ରମ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ ଭଳି ୪ଟି ଜିଲ୍ଲା ପାଇଁ ୩ଟି ତୈଳ ପାମ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି କମ୍ପାନୀଗୁଡ଼ିକ ହେଲା ପତଞ୍ଜଳି ଫୁଡ୍ସ ଲିମିଟେଡ୍ (କଟକ), ତ୍ରିମ୍ବାଳା ଆଗ୍ରୋ ପ୍ରଡକଫସ୍ ପ୍ରାଇଭେଟ୍ *(ପୃଷ୍ଠା ୭ରେ)*

## ଭାରତକୁ ମିଳିବ ନିଜର ପ୍ରଥମ ସେମିକଣ୍ଡକ୍ଟର ଚିପ୍: ଆଇଟି ମନ୍ତ୍ରୀ

**ନୂଆଦିଲ୍ଲୀ, ୧୦।୪**

ଭାରତକୁ ନିଜର ପ୍ରଥମ ସେମିକଣ୍ଡକଟର ଚିପ୍ ମିଳିବ । ଏହାର ଶୁଭାରମ୍ଭ ତାରିଖ ବିଷୟରେ ସୂଚନା ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ସେମିକଣ୍ଡକ୍ଟର ଚିପ୍‌ର ଶୁଭାରମ୍ଭ ନେଇ ସମସ୍ତ ପ୍ରସ୍ତୁତି ଜାରି ରହିଛି । ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସ ସୁଦ୍ଧା ଏହାର ଶୁଭାରମ୍ଭ ହୋଇପାରେ । ଭାରତ ସେମିକଣ୍ଡକ୍ଟର ଚିପ ଉତ୍ପାଦନକୁ ନେଇ ଜୋରସୋରରେ ପ୍ରସ୍ତୁତି ଜାରି ରଖିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ନିଜର ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି । ଏକ ସାକ୍ଷାତକାର ଅବସରରେ କେନ୍ଦ୍ରମନ୍ତ୍ରୀ ଏ ବାବଦରେ ସୂଚନା ଦେଇଛନ୍ତି ।





ମନ୍ତ୍ରୀ କହିଛନ୍ତି, ଚିପ ପ୍ରଡକ୍ସନ ପାଇଁ ଜରୁରୀ ୫ ୟୁନିଟ୍ସ ଚାଲିଛି ଓ ଅନ୍ୟ କାମ ମଧ୍ୟ ଧାର୍ଯ୍ୟ ସମୟରେ ହେଉଛି । ସରକାରଙ୍କ ମହ□ତ୍ତ୍ୱାକାଂକ୍ଷୀ ଯୋଜନା ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧିନରେ ଟାଟା ଇଲେକ୍ଟ୍ରୋନିକ୍ସ ଓ ତାଇୱାନ ସ୍ଥିତ ପିଏସଏମସିର ସହାୟତାରେ ଏହାକୁ ବିକଶିତ କରାଯାଉଛି । ଗୁଜରାଟର ଧୋଲେରା ଫ୍ୟାବ୍ରିକେସନ ପ୍ଲାଣ୍ଟରେ ଏହାକୁ ପ୍ରସ୍ତୁତ କରାଯିବ।

ସୂଚନାଯୋଗ୍ୟ ଯେ, *(ପୃଷ୍ଠା ୭ରେ)*

## ବାଂଲାଦେଶରେ ୫ ବଡ଼ ସୈନ୍ୟ ଅଧିକାରୀ ଗୃହବନ୍ଦୀ

**ଢାକା, ୧୦।୪**

ବାଂଲାଦେଶରେ ପୁଣି ହଲଚଲ ଦେଖାଯାଇଛି। ରାଜଧାନୀ ଢାକାରେ ସେନାର ୫ ବଡ଼ ଅଧିକାରୀଙ୍କୁ ଗୁରୁବାର ଗୃହବନ୍ଦୀ କରାଯାଇଛି । ରିପୋର୍ଟ ଅନୁସାରେ ବାଂଲାଦେଶ ସେନା ମୁଖ୍ୟ ଜେନେରାଲ କାର ଉଲ ଜମାନଙ୍କ ଋଷିଆ ଗସ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି । ଏହି ଘଟଣାକ୍ରମ ଏବେ ଢାକା ପ୍ରତି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ରିପୋର୍ଟ ଅନୁସାରେ ବାଂଲାଦେଶ ସେନାର ଯେଉଁ ୫ ବରିଷ୍ଠ ଅଧିକାରୀ ଢାକା ଛାଉଣୀରେ ନଜରବନ୍ଦୀ ଅଛନ୍ତି ସେମାନଙ୍କ ମଧ୍ୟରେ ୨ ଜଣ ବ୍ରିଗେଡିୟର, ଜଣେ କର୍ଣ୍ଣେଲ, *(ପୃଷ୍ଠା ୭ରେ)*

## ବାଣିଜ୍ୟ ଆଲୋଚନାରେ ଆଗରେ ଭାରତ

**ନୂଆଦିଲ୍ଲୀ, ୧୦।୪**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ବ୍ୟତୀତ ବହୁ ଦେଶ ଉପରେ ପାରସ୍ପରିକ ଶୁଳ୍କ ବନ୍ଦ କରିବା ଘୋଷଣା କରିଛନ୍ତି । ଏହାପରେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ ବେସେଣ୍ଟ କହିଛନ୍ତି ଯେ ଏହି ପ୍ରସଙ୍ଗ ବିଶ୍ୱ ବାଣିଜ୍ୟରେ ଖରାପ ଅଭିନେତା ପାଇଁ ଅଟେ। ଚୀନକୁ ଏକ ଘରିକିଆ କରି ଏହା ଉପରେ ଟ୍ରମ୍ପ ଏକ ଆଶ୍ଚର୍ଯ୍ୟଜନକ ୧୨୫% ଶୁଳ୍କ ଲାଗୁ କରିଛନ୍ତି। ବେସେଣ୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ଏପରି ଦେଶ ବିଶ୍ୱ ଅର୍ଥନୀତିରେ ଅସନ୍ତୁଳନ ସୃଷ୍ଟି କରୁଛନ୍ତି।



ଟ୍ରେଜେରୀ ସଚିବ ପ୍ରକାଶ କରିଛନ୍ତି ଯେ ବାଣିଜ୍ୟ ଆଲୋଚନା ମୁଖ୍ୟତଃ ଜାପାନ, ଦକ୍ଷିଣ କୋରିଆ ଏବଂ ଭାରତ ପରି ଚୀନର ପଡ଼ୋଶୀ ସହିତ ହେଉଛି । ଏହା ଏକ ବାଣିଜ୍ୟ ଯୁଦ୍ଧ ନୁହେଁ ଏହା ଖରାପ ଅଭିନେତା ବିଷୟରେ ଏବଂ ଆମେ ଯାହା ଦେଖୁଛୁ ତାହା ହେଉଛି *(ପୃଷ୍ଠା ୭ରେ)*

## ଲାଲକିଲ୍ଲା-ଜାମା ମସ୍‌ଜିଦକୁ ବୋମାରେ ଉଡ଼ାଇଦେବାକୁ ଧମକ: ଗୁଇନ୍ଦା ବିଭାଗ ସଜାଗ

**ନୂଆଦିଲ୍ଲୀ, ୧୦।୪**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ରାଣାଙ୍କୁ ଆମେରିକାରୁ ଭାରତ ଅଣାଯାଇଛି । ତାଙ୍କୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅଣାଯାଇଛି। ଦିଲ୍ଲୀର ପାଲମ ବିମାନବନ୍ଦରରେ ତାଙ୍କ ବିମାନ ଅବତରଣ କରିବା ପୂର୍ବରୁ, ଲାଲକିଲ୍ଲା ଏବଂ ଜାମା ମସଜିଦ ଉପରେ ବୋମା ମାଡ଼ କରିବାକୁ ଧମକ ଦିଆଯାଇଥିଲା। ଏହାକୁ ନେଇ ଗୁଇନ୍ଦା ବିଭାଗ ସତର୍କ ଅଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ କରୁଛି।

ଯେତେବେଳେ ତହବୁର ରାଣାଙ୍କୁ ଦିଲ୍ଲୀ ଅଣାଯାଉଥିଲା, ସେତେବେଳେ ଲାଲକିଲ୍ଲା ଏବଂ ଜାମା ମସଜିଦରେ ବୋମା ପକାଇବା ପାଇଁ ଏକ ଧମକପୂର୍ଣ୍ଣ ଫୋନ ଆସିଥିଲା।

ଧମକପୂର୍ଣ୍ଣ କଲ ଆସିବା ମାତ୍ରେ ଦିଲ୍ଲୀ ପୋଲିସ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସକ୍ରିୟ ହୋଇଗଲେ। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉଭୟ ସ୍ଥାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ, କିନ୍ତୁ କିଛି ସନ୍ଦେହଜନକ ମିଳି ନଥିଲା। ଦିଲ୍ଲୀ ପୁଲିସ କହିଛି ଯେ, ଏହି କଲ ନକଲି ଥିଲା।



କିଏ ଫୋନ କରିଥିଲା ? ପୁଲିସ ତଦନ୍ତ କରୁଛି । ଦିଲ୍ଲୀ ଅଗ୍ନିଶମ ବିଭାଗର ଅଧିକାରୀ କହିଛନ୍ତି ଯେ, ଗୁରୁବାର ସକାଳ ୯ଟା ୩ରେ ସ୍ମାରକୀ ପରିସରରେ ଏକ ବୋମା ଥିବା ସୂଚନା ମିଳିଥିଲା । ଦଳଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟେକ କୋଣର ତଦନ୍ତ କରିଥିଲେ। ଯାଞ୍ଚ ସମୟରେ କୌଣସି ସ୍ଥାନରେ କୌଣସି ସନ୍ଦେହଜନକ ଜିନିଷ ମିଳି ନଥିଲା। ଏବେ ପୋଲିସ ଜାଣିବାକୁ ଚେଷ୍ଟା କରୁଛି ଯେ, କିଏ କଲ କରିଥିଲା ? ତାଙ୍କୁ ଖୋଜା ଚାଲିଛି।

ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ)ର ପ୍ରୟାସ ପରେ, ଆମେରିକାର କୋର୍ଟ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତହବୁର ରାଣାର ପ୍ରତ୍ୟାର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଆମେରିକାରୁ ଭାରତ ଅଣାଯାଇଛି। ରାଣାଙ୍କୁ ଏନଆଇଏ କୋର୍ଟରେ ହାଜର କରିବ, ଯେଉଁଠାରେ ତାଙ୍କର ରିମାଣ୍ଡ ଲୋଡାଯିବ।

## ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



**ଭୁବନେଶ୍ୱର, ୧୦।୪**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ସଡ଼କ ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏକାଳ ପଖାଳ




କାଲିଠାରୁ ଜନେ ଆୟୁଷ୍ମାନ ହେବେ
ଦେହ ରହିବ ଯେ ଭଲ
ପରିବାରର ସବୁତକ ଲୋକ
ଖୁସିରେ ଯେ ଝଲମଲ
ସରକାର କଣ ନକଲ
ସ୍ୱାସ୍ଥ୍ୟ ଉପହାର ଦେଇ ରାଇଜର
ମନଟାକୁ ହରିନେଲ।

# ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଭୟାନକ ଚେତାବନୀ



**ଜେନିଭା, ୧୦।୪**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ) ମହାନିର୍ଦ୍ଦେଶକ ଡା.ଟେଡ୍ରୋସ ଅଦନୋମ ଘେବ୍ରେୟସ ଏପରି ଏକ ଚେତାବନୀ ଦେଇଛନ୍ତି, ଯାହା ବିଶ୍ୱକୁ ଆଚମ୍ବିତ କରିଛି। ସେ କହିଛନ୍ତି ଆଗାମୀ ମହାମାରୀ ଅବଶ୍ୟମ୍ଭବୀ ଓ ଏହା ନିଶ୍ଚିତ ଆସିବ। ହୁଏତ ଏହା ୨୦ ବର୍ଷରେ ଆସିବ ଅଥବା କାଲି, କିନ୍ତୁ ନିଶ୍ଚିତ ଆସିବ। ଡବ୍ଲୁଏଚଓ ମୁଖ୍ୟଙ୍କ ଏହି ବିପଦଜନକ ଚେତାବନୀ ବିଶ୍ୱରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଡବ୍ଲୁଏଚଓ ବୈଠକରେ ସେ ଆଗାମୀ ବୈଶ୍ୱିକ ମହାମାରୀ ବିଜ୍ଞାନର ନିଶ୍ଚିତ ତଥ୍ୟ । ଏଣୁ ଏଥି ପାଇଁ ପ୍ରସ୍ତୁତି କରିବାକୁ ପଡିବ ବୋଲି କହିଛନ୍ତି ।

ଡା.ଘେବ୍ରେୟେସ କହିଛନ୍ତି ଯେ ଆଜି ବିଶ୍ୱରେ ଅନେକ ଅନ୍ୟ ଚ୍ୟାଲେଞ୍ଜ ରହିଛି, ଆର୍ଥିକ ଓ ଭୂ-ରାଜନୈତିକ ଭୂକମ୍ପ ଆଗରେ ସରକାରମାନେ ମହାମାରୀ ଆହ୍ୱାନକୁ ପଛ କରିଦେଇଛନ୍ତି । ବିଶ୍ୱ ଏବେ ଯୁଦ୍ଧ ଓ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛି । ଏଣୁ ଲୋକେ ଓ ସରକାର ଭାବୁଛନ୍ତି କୋଭିଡ-୧୯ ଅତୀତର କଥା । ତେବେ ଆପଣମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ପଡିବ ଯେ ଆଗାମୀ ମହାମାରୀ ଏ ସବୁ କଥାକୁ ଅପେକ୍ଷା କରିବନି ।

କରୋନା ଭାଇରସ *(ପୃଷ୍ଠା ୭ରେ)*

## ପାଣିପାଗ ବିଭାଗର ସୂଚନା ଉତ୍ତର ଭାରତରେ ବର୍ଷା ସମ୍ଭାବନା

**ନୂଆଦିଲ୍ଲୀ, ୧୦।୪**

ଉତ୍ତର ଭାରତରେ ପାଗ ପୁଣି ଥରେ ବଦଳି ଯାଇଛି । ଗୁରୁବାର ଦେଶର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ସହିତ ପ୍ରବଳ ପବନ ବହିଥିଲା, ଯାହା ଲୋକଙ୍କୁ ପ୍ରବଳ ଗରମରୁ ଆଶ୍ୱସ୍ତି ଦେଇଥିଲା । ଯଦି ପାଣିପାଗ ବିଭାଗର କଥାକୁ ବିଶ୍ୱାସ କରାଯାଏ, ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଅଧିକ ବର୍ଷା ହୋଇପାରେ । କେବଳ ଏତିକି ନୁହେଁ, ଅନେକ ରାଜ୍ୟରେ ଗୁରୁବାରରୁ ଶୁକ୍ରବାର ପର୍ଯ୍ୟନ୍ତ ବର୍ଷା ସହିତ ଝଡ଼ବର୍ଷା ହୋଇପାରେ ଏବଂ ତାପମାତ୍ରାରେ ହ୍ରାସ ହୋଇପାରେ ବୋଲି କୁହାଯାଇଛି।



ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଉତ୍ତର ଭାରତର ଅନେକ ରାଜ୍ୟରେ ବର୍ଷା ହୋଇପାରେ। ଦିଲ୍ଲୀରେ ମଧ୍ୟ ବର୍ଷା ଏବଂ ଝଡ଼ବର୍ଷାର ପୂର୍ବାନୁମାନ କରାଯାଇଛି ଏବଂ ୟେଲୋ ୱାର୍ଣ୍ଣିଂ କେବଳ ବୁଧବାର ପର୍ଯ୍ୟନ୍ତ ଥିଲା । ଏହାର ସଦ୍ୟତମ ପୂର୍ବାନୁମାନରେ, ଆଇଏମଡି ପୂର୍ବାନୁମାନ କରିଛି ଯେ ରାଜଧାନୀରେ ତାପମାତ୍ରା ହ୍ରାସ ପାଇବ। କାରଣ ଏକ *(ପୃଷ୍ଠା ୭ରେ)*

ପ୍ରଭାତୀ
31 YEARS
ସମ୍ବାଦ କଳିକା

# ଭାରତରେ ଦିନକୁ ୫୨ ଗର୍ଭବତୀଙ୍କ ମୃତ୍ୟୁ

ବିଶ୍ୱରେ ପ୍ରତି ୨ ମିନିଟ୍‌ରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତିଙ୍କ ମୃତ୍ୟୁ ଘଟୁଛି । ପ୍ରତିଦିନ ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତି ମହିଳାଙ୍କ ଜୀବନ ଯାଉଛି । ଜାତିସଂଘ ପକ୍ଷରୁ ଜାରି ଏକ ସଦ୍ୟ ରିପୋର୍ଟରୁ ଏହି ତଥ୍ୟ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏହି ସଂଖ୍ୟା ଦୁନିଆରେ ଗର୍ଭବତୀ ଥିବା ସମୟରେ ମୃତ୍ୟୁ ଘଟୁଥିବା ମୋଟ ମହିଳାଙ୍କର ୭.୨% । ତାଲିକାରେ ନାଇଜେରିଆ ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ରିପୋର୍ଟରେ ପାକିସ୍ତାନରେ ହେଉଥିବା ମାତୃ ମୃତ୍ୟୁସଂଖ୍ୟା ମଧ୍ୟ ସାମିଲ କରାଯାଇଛି। ପାକିସ୍ତାନରେ ୨୦୨୩ରେ ୧୧ ହଜାର ଗର୍ଭବତୀ/ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି । ଅର୍ଥାତ ପ୍ରତିଦିନ ହାରାହାରି ୩୦ ମାତୃ ମୃତ୍ୟୁ ଘଟଣା ଘଟିଛି । ସେହିପରି ତାଲିକାର ପ୍ରଥମ ସ୍ଥାନରେ ଥିବା ନାଇଜେରିଆରେ ୨୦୨୩ରେ ୭୫ ହଜାର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି । ଏହା ଦୁନିଆର ମୋଟ ମାତୃ ମୃତ୍ୟୁର ୨୮.୭% । ଡେମୋକ୍ରାଟିକ୍ କଙ୍ଗୋରେ ମଧ୍ୟ ୨୦୨୩ରେ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା । ବିଶ୍ୱରେ ମୃତ୍ୟୁ ଘଟିଥିବା ମୋଟ ଗର୍ଭବତୀଙ୍କ ମଧ୍ୟରେ ୪୭% କେବଳ ଏହି ୪ ଦେଶରେ ରହିଥିଲେ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁ ବିଶ୍ୱରେ ପ୍ରାୟ ୨ ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି । କେତେକ ଦେଶରେ ମାନବିକ ସହାୟତା ନ ପହଞ୍ଚିବା, ଜରୁରି ସ୍ୱାସ୍ଥ୍ୟ ସେବା ନ ମିଳିବା ଯୋଗୁ ଏହି ସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ଜାତିସଂଘ ରିପୋର୍ଟରେ ସତର୍କ କରାଯାଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁ ହାରରେ ୭୮% ହ୍ରାସ ଘଟିଛି । ଭାରତରେ ମାତୃ ମୃତ୍ୟୁ ହାର(ପ୍ରତି ୧ ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତିଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା) ୨୦୦୦ ମସିହାରେ ୩୬୨ ଥିବାବେଳେ ୨୦୨୩ରେ ତାହା ୮୦କୁ ଖସିଛି । ଚୀନ୍‌ରେ ଏହି ସମୟ ମଧ୍ୟରେ ମାତୃ ମୃତ୍ୟୁ ହାର ୫୬ରୁ ୧୬କୁ ହ୍ରାସ ପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ, ସ୍ୱାସ୍ଥ୍ୟସେବା ସୁବିଧାରେ ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ଦୁନିଆରେ ମାତୃ ମୃତ୍ୟୁ ହାରରେ ୪୦% ହ୍ରାସ ଘଟିଛି । କିନ୍ତୁ ୨୦୧୬ ପରେ ଏହି ହାରରେ ସୁଧାର ହେବା କମିଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି । ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଆଦି ମୃତ୍ୟୁର ପ୍ରମୁଖ କାରଣ । ସେହିଭଳି ମଧୁମେହ, ହୃଦ୍‌ରୋଗ ମଧ୍ୟ ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଉଥିବା ଜାତିସଂଘ ରିପୋର୍ଟ ଦର୍ଶାଇଛି ।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

# ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ

(କଳା କଳେବର କହ୍ନାଇ-ବୃତ୍ତେ)

ଚତୁର୍ଥରେ ଜ୍ଞାନଯୋଗକୁ ହରି କହନ୍ତି ଫେଇ
ବୁଝ ସବ୍ୟସାଚୀ ଏହାକୁ ଭ୍ରମେ ନୋହିବୁ ବାଇ ।୧।

ପୂରବେ ସୂର୍ଯ୍ୟଙ୍କ ଆଗରେ କରିଥିଲି ପ୍ରକାଶ
ସେ ତାହାଙ୍କ ପୁତ୍ର ମାନଙ୍କୁ ଦେଲେଟି ଉପଦେଶ ।୨।

କ୍ରମେ ରାଜରଷି ମାନବ ମଧ୍ୟେ ବ୍ୟାପିଣ ଥିଲା
ଏବେ କାଳର ପ୍ରଭାବରେ ତାହା ଧ୍ୱଂସ ହୋଇଲା ।୩।

ପାପାଚାରୀ ଲୋକେ ଦୁର୍ବଳମନା ହୋଇଲେ ଯହୁଁ
ଅନାଚାରେ ଏହା ଆଚାର କେହି ନ କଲେ ତହୁଁ ।୪।

ତୁ ମୋହର ପ୍ରିୟ ଭକତ ତେଣୁ କହୁଛି ଶୁଣ
ଏ ଗୁପତ ଜ୍ଞାନ-ଗତିକୁ କର ଅନୁସରଣ ।୫।

ଅର୍ଜ୍ଜୁନ ପୁଚ୍ଛନ୍ତି ଶ୍ରୀପତି ସ୍ମୃତି ଜାଗେ ମୋହର
ଭାସ୍କର ତୁମ୍ଭର ଆଗହୁଁ ଜନ୍ମିଥିଲେ ନିକର ।୬।

ଆପଣ କିପରି ତାହାଙ୍କୁ ଜ୍ଞାନ କହିଲେ ପୁଣି
ଏହି କଥାରେ ମୋ ସନ୍ଦେହ ହୁଏ, କହୁଛି ଜାଣି ।୭।
ଦର ଦର ହସ ପ୍ରସନ୍ନ ଚିତ୍ତେ ଶ୍ୟାମସୁନ୍ଦର
ବୋଇଲେ ହେ ସଖା, ଶ୍ରବଣେ ଶୁଣ ଯଥାର୍ଥ ଗିର ।୮।
ମୁଁ ଜାଣେ ତୋହର ମୋହର କେତେ ଜନ୍ମ ଗଲାଣି
ଜ୍ଞାନଶକ୍ତି ଲୋପ ହେବାରୁ ତୁମ୍ଭେ ପାରୁନା ଜାଣି ।୯।

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଯେଉଁ ପାପୀମାନଙ୍କୁ ଏ ବିଶ୍ୱ ଘୃଣାକରି ଆଶ୍ରୟ ଦିଅନ୍ତି ନାହିଁ, କେବଳ ତୁମେହିଁ ତାକୁ ଉଦ୍ଧାର କରି ମହାନ୍ କରିଦେଇଛ। ଆପଣ ହେଉଛନ୍ତି ସେହି ମହାବିଷ୍ଣୁ, ଅବିନାଶୀ ପରମାତ୍ମା, ଯିଏକି ସମସ୍ତ ଜୀବ ଦେହରେ ରହି ଲୀଳା କରୁଛନ୍ତି । 'ମାମୈବାଂଶ ଜୀବଲୋକେ ଜୀବଭୂତ ସନାତନ'। ହେ ମହାପ୍ରଭୁ ମୁଁ ଆପଣଙ୍କୁ ଆଖିରେ ଦେଖି ପାରୁନାହିଁ, କିନ୍ତୁ ଆପଣ ତ ମୋତେ ଦେଖୁଛନ୍ତି, ଯେଉଁ ଦିନ ବାପ, ମା', ଭାଇ, ଭଉଣୀ ଘର ଦ୍ୱାର ପରିତ୍ୟାଗ କରିଦେଇ ଆପଣଙ୍କର ଶରଣାଗତ ହୋଇଗଲି । ସେହିଦିନଠାରୁ ଆପଣ ମୋର ବାପା, ମାଆ, ଭାଇ, ଭଉଣୀ, ସଖା, ସହୋଦର ହୋଇଗଲେ। ତେଣୁ ମୁଁ ବହୁ ପୂର୍ବରୁ ଚାରି ଦଉଡି କାଟିଦେଇ ସାରି ଆପଣଙ୍କର ଶରଣାଗତ ହୋଇଯିବା ପରେ ମୋର ମୃତ୍ୟୁକୁ ତିଳେ ମାତ୍ର ଭୟନାହିଁ। ଭୟ କାହିଁକି ବା କରିବି ? କାରଣ ମୁଁ ଭଲଭାବରେ ଜାଣେ ଆପଣଙ୍କ ଭୟରେ ଯେତେବେଳେ ଏ ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ଅନଳ, ଜଳ ଅବାରିତ ଢଙ୍ଗରେ ପୃଥିବୀ ବାସୀଙ୍କର ନିୟମିତ ସେବା କରି ଚାଲିଛନ୍ତି ସ୍ୱୟଂ ମହାକାଳ ମୃତ୍ୟୁ ଯେତେବେଳେ ଭୟ ଆପଣଙ୍କୁ କରନ୍ତି, ସେତେବେଳେ ମୋ ମନରେ ଭୟର ଆତଙ୍କ ଆସିବ କାହିଁକି ? ଆପଣ ଯେଉଁ ଆଡକୁ ମୋର ହାତଧରି ନେଉଛନ୍ତି ମୁଁ ସେହି ଆଡକୁ ଯାଉଛି, ଯାହା କରିବାକୁ ମୋର ମନ ଓ ମସ୍ତିଷ୍କରେ ନିର୍ଦ୍ଦେଶ ଦେଇଛନ୍ତି, ତାହାହିଁ ମୁଁ କରିଚାଲିଛି।" ଏହି ଭଳି ଚିନ୍ତା କରି କରି ବିଶର ମହାନ୍ତିଙ୍କ ଚକ୍ଷୁରୁ ଧାର ଧାର ଲୁହ ଗଡି ଚାଲିଛି। ସାଷ୍ଟାଙ୍ଗ ପ୍ରଣାମ କରି ସେହି ବେଳା ଭୂମିରୁ ମୁଠାଏ ବାଲି ଆଣି ମଥାରେ ବୋଳି ଦେଲେ। ଏତକ କରି ସାରିବା ପରେ ଆଖିରୁ ଗାମୁଛାଟିରେ ଲୁହ ପୋଛି ସମୁଦ୍ରଆଡକୁ ଚାହାନ୍ତି, ସେତିକିବେଳେ ଗୋଟିଏ ବୋଇତ କୂଳ ଆଡକୁ ଆସୁଥିବାର ଲକ୍ଷ୍ୟ କଲେ। ଧୀର ସ୍ଥିର ତାଙ୍କ କଣ୍ଠରୁ ବାହାରି ଆସିଲା ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ। ଅନେକ ସମୟ ପରେ ବୋଇତଟି ଆସି କୂଳରେ ଲାଗିଲା ଓ କେତେକ ବଙ୍ଗୀୟ ଯାତ୍ରୀ ସେହିଠାରେ ଓହ୍ଲାଇ ଗଲେ। ବଡ ଶଙ୍କିତ ପଦପାତରେ ବୋଇତ ନିକଟକୁ ବିଶର ଗଲେ ଓ ପଚାରିଲେ ''ଭାଇମାନେ, ଏ ବୋଇତ କେଉଁଆଡେ ଯିବ ?" ସେହି ବୋଇତ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତିଟି କହିଲା "ହେ ସନ୍ୟାସୀ ବାବା, ଏ ବୋଇତଟି ଉତ୍କଳ ଦେଶକୁ ଯିବ। ଉତ୍କଳ ଦେଶରେ ହରିଶ୍‌ପୁର ବୋଲି ଗୋଟିଏ ଜାଗା ଅଛି, ସେହି ଜାଗାରେ ଯାଇ ଆପେ ପହଞ୍ଚିବୁ। ତୁମେ କ'ଣ ଉତ୍କଳ ରାଜ୍ୟକୁ ଯିବାକୁ ଚାହୁଁଛ ? ଆମେ ତ ତୁମ ବେଶଭୂଷାରୁ ଜାଣିପାରୁଛୁ ତୁମେ ଜଣେ ଓଡ଼ିଆ ନିଶ୍ଚୟ।" ବିଶର କହିଲେ " ମୁଁ ଜଣେ ଓଡ଼ିଆ, ମୁଁ କୁଜଙ୍ଗଗଡ ଯିବି, ତୁମର ଏ ବୋଇତ କ'ଣ କୁଜଙ୍ଗ ଗଡ ବାଟ ଦେଇ ଯିବ ?" ବହୁ ପ୍ରାଚୀନ କାଳରେ ଏହି ସ୍ଥାନଟି ଗୁଜଙ୍ଗ ନାମରେ ନାମିତ ହୋଇଥିଲା। କାଳକ୍ରମେ ଗୁଜଙ୍ଗ ନାମକୁ ଲୋପ କରାଯାଇ ଏହା କୁଜଙ୍ଗ ନାମରେ ପ୍ରସିଦ୍ଧିଲାଭ କଲା। ସମସ୍ତ ବଣିକଙ୍କ ସହମତିରେ ବିଶର ମହାନ୍ତିଙ୍କୁ "ହରିଶ ପୁର" ଜଳ ପଥରେ ଯିବା ବେଳେ କୁଜଙ୍ଗ ଅଞ୍ଚଳର ଉଦୟବଟ ନିକଟରେ ଛାଡିଦେବା ପାଇଁ ମନସ୍ଥ କରି ବୋଇତ ଉପରକୁ ଆସିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ବିଶର ମଧ୍ୟ ବୋଇତ ଉପରକୁ ଉଠିଲେ। ଆନନ୍ଦରେ ବିଶର ମହାନ୍ତିଙ୍କ ଆଖିରୁ ବହି ଯାଉଥାଏ ଅଶ୍ରୁ। ଆରମ୍ଭ ହେଲା ବିଶର ମହାନ୍ତିଙ୍କର ବୋଇତ ଯାତ୍ରା ଉତ୍କଳ ରାଜ୍ୟ ଅଭିମୁଖେ। ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ବାରମ୍ବାର ତାଙ୍କ ମୁଖରୁ ନିସୃତ ହେବାକୁ ଲାଗିଥାଏ। ଜଣେ ବଣିକ ବିଶରଙ୍କୁ ପଚାରିଲେ "ବାବାଜୀ ମହାଶୟ ! ଆପଣ କିଛି ଖାଇଛନ୍ତି କି ?" ବିଶର କିଛି ଖାଇ ନାହାନ୍ତି ବୋଲି କହିଲେ। ଜଣେ କ୍ଷୁଧାତୁର ସନ୍ନ୍ୟାସୀଙ୍କୁ ଦେଖି ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସଙ୍ଗେ ସଙ୍ଗେ କିଛି ଖାଦ୍ୟ ଆଣି ଅତି ଆଦରରେ ବିଶରଙ୍କୁ ଖାଇବାକୁ ଦେଲେ ଏବଂ ସେମାନଙ୍କର ଅନୁରୋଧ କ୍ରମେ ବିଶର ଜଗନ୍ନାଥ ମହାପ୍ରଭୁଙ୍କୁ ସମର୍ପଣ କରି ଭୋଜନ କଲେ। ଏହା ପରେ ବିଶର ପଚାରିଲେ ବଣିକମାନଙ୍କୁ "ଏ ବୋଇତଟି କେଉଁ ଆଡେ ଯାଇଥିଲା ଭାଇ !" ଜଣେ ବୟସ୍କ ବଣିକ କହିଲା "ଏ ବୋଇତଟି ଆଜକୁ ଦୁଇ ମାସ ହେବ ବଣିଜ କରିବା ପାଇଁ ବିଦେଶ ଯାଇଥିଲା, କିନ୍ତୁ ଦୁଃଖର ବିଷୟ ଆମ ବୋଇତଟି ଫେରିଲା ବେଳକୁ ଆମ ଆଗରୁ ଫେରୁଥିବା ଗୋଟିଏ ବଙ୍ଗୀୟ ବୋଇତକୁ ଜଳ ଦସ୍ୟୁମାନେ ବଳ ପୂର୍ବକ ଅପହରଣ କରିନେଲେ ଏବଂ କେତେ ଜଣ ବଙ୍ଗୀୟ ଲୋକଙ୍କୁ ଗୋଟିଏ ସମୁଦ୍ର ମଧ୍ୟସ୍ଥ ବାଲିକୁଦ ଉପରେ ଫିଙ୍ଗିଦେଇ ଆସିଥିଲେ। ସେମାନେ ଆମ ବୋଇତଟି ପଛରେ ଆସୁଥିବା ଜାଣି ଆମକୁ ସଙ୍କେତ ଦେବାରୁ ଆମେ ସେହି ଲୋକମାନଙ୍କୁ ଉଦ୍ଧାର କରି ତାଙ୍କ କହିବା ମୁତାବକ ଏହି ସ୍ଥାନରେ ଛାଡି ଉତ୍କଳ ଯାତ୍ରା କରୁଛୁ। (କ୍ରମଶଃ)

# ମହିଳା ସୁରକ୍ଷା ଆଳରେ ପୁରୁଷ ନିର୍ଯାତନା ଆଉ କେତେ ଦିନ ?

ସୀତାରାମ ପାତ୍ର
ମୋ-୯୪୩୭୩୪୦୮୫୦

ମାର୍ଚ୍ଚ ୨୭ ତାରିଖ ୨୦୨୫ ଦିନଟି ଓଡ଼ିଶା ପାଇଁ ଏକ ଚର୍ଚ୍ଚିତ ଦିନ ଥିଲା। ଏହି ଦିନ ଭୁବନେଶ୍ୱର ରାଜ ରାସ୍ତାରେ ଦେଖିବାକୁ ମିଳିଥିଲା ହାଇଡ୍ରାମା। କଂଗ୍ରେସର ବିଧାନସଭା ଘେରାଓ ଶୋଭାଯାତ୍ରା ହଠାତ୍ ହିଂସାତ୍ମକ ମୋଡ଼ ନେଇଥିଲା। ବିଧାନସଭା ଆରମ୍ଭରୁ କଂଗ୍ରେସର କାର୍ଯ୍ୟଧାରା ଏପରିଥିଲା, ଯେଉଁଥିରୁ ମନେ ହେଉଥିଲା ବିଧାନସଭାକୁ ଚଲେଇ ନଦେବା ପାଇଁ କଂଗ୍ରେସ ତାର ରଣନୀତି ତିଆରି କରିଥିଲା। ତେଣୁ ବିଧାନସଭାରେ ଘଂଟ, ତୁରୀ ବଜାଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ବରିବା ଫଳରେ ବାଚସ୍ପତି କଂଗ୍ରେସର ୧୪ ଜଣ ଯାକ ବିଧାୟକଙ୍କୁ ଗୃହରୁ ନିଲମ୍ବିତ କରିବା ପରିପ୍ରେକ୍ଷୀରେ ଗୋଟିଏ ପରେ ଗୋଟିଏ କ୍ରମରେ ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଏହି ଘଟଣାର ମୂଳ ଉତ୍ସ ହେଲା ମହିଳା ସୁରକ୍ଷା ପ୍ରସଙ୍ଗ। ଯାହାକୁ କେନ୍ଦ୍ର କରି କଂଗ୍ରେସ ବିଧାୟକମାନେ ଗୃହକୁ ଚଲାଇ ନଦେବାରୁ ବାଚସ୍ପତି ସେମାନଙ୍କୁ ଗୃହରୁ ନିଲମ୍ବନ କରିଥିଲେ।

ତେବେ ପ୍ରଶ୍ନ ଉଠେ, ମହିଳା ସୁରକ୍ଷା ନାରା ବିଭିନ୍ନ ରାଜନୈତିକ ଦଳମାନେ ବର୍ଷ ବର୍ଷ ଧରି ଦେଇ ଚାଲିଥିବା ବେଳେ ଆଉ କେତେ ଦିନ ଏପରି ଚାଲିବ ? ରାଜନୈତିକ ପଶାପାଲିରେ ମହିଳା ଆଉ କେତେଦିନ ମୋହରା ହେଉଥିବ ? ମହିଳା ସୁରକ୍ଷା ଆଳରେ ସମାଜରେ ପୁରୁଷ ଆଉ କେତେଦିନ ନିର୍ଯାତନାର ଶିକାର ହୋଇଚାଲିଥିବ ? ସମୟ ଥିଲା, ନାରୀ ଘର କୋଣରେ ରହୁଥିଲା। ସମାଜରେ ନାରୀର କର୍ତ୍ତୃତ୍ୱ କିଛି ନଥିଲା। ଯେଉଁ କାରଣରୁ ନାରୀକୁ ପୂର୍ବରୁ ଅବଳା, ଦୁର୍ବଳା କୁହାଯାଉଥିଲା। ତେଣୁ କବିଙ୍କ ଭାଷାରେ 'ବିନାଶ୍ରୟେ ନବର୍ତନ୍ତି କବିତା, ବନିତା, ଲତା'। କିନ୍ତୁ ସେ ସମୟ ଆଉ ନାହିଁ। ସମୟ ବଦଳି ଯାଇଛି। ନାରୀ ଆଉ ଘର କୋଣରେ ନାହିଁ। ସମାଜରେ ନାରୀର ସ୍ଥାନ କାହିଁ କେତେ ଉଚ୍ଚରେ। ସମାଜର ସବୁ କ୍ଷେତ୍ରରେ ନାରୀ ସାମିଲ ହୋଇ ସାରିଛି। ନାରୀ ସୁରକ୍ଷା, ନାରୀ ସଶକ୍ତୀକରଣର ନାରା ବୋଧହୁଏ ଆଉ ଆବଶ୍ୟକତା ନାହିଁ। ନାରୀ ସୁରକ୍ଷା ନାମରେ ତିଆରି ହୋଇଥିବା ଆଇନ୍ ଫଳରେ ନାରୀ ଏପରି ସଶକ୍ତ ହୋଇ ସାରିଛି, ଯାହାପାଇଁ ଏବେ ପୁରୁଷ ସୁରକ୍ଷା ଆଇନର ଆବଶ୍ୟକତା ଜରୁରୀ ହୋଇପଡ଼ିଲାଣି। ନିକଟ ଅତୀତରେ ଘଟିଥିବା କେତେଗୋଟି ଘଟଣା, ନାରୀ ଦ୍ୱାରା ପରୁଷ କିପରି ନିର୍ଯାତିତ ତାହାର ଜ୍ୱଳନ୍ତ ନିଦର୍ଶନ। ପ୍ରଥମ ଉଦାହରଣ ଭାବେ ଏଆଇ ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ଦେଶକୁ ହଲଚଲ କରିଦେଇଛି। ନାରୀ ସହିତ ଆମର ବ୍ୟବସ୍ଥାରେ ଅତିଷ୍ଠ ହୋଇ ଅତୁଲ ସୁବାସ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ବେଳେ ତାହାକୁ ଆତ୍ମହତ୍ୟା ନକହି ହତ୍ୟା କହିଲେ ଭୁଲ ହେବ ନାହିଁ। ୨୦୨୪ ମସିହା ଡିସେମ୍ବର ୯ ତାରିଖରେ ଏଆଇ ଇଞ୍ଜିନିୟର ଅତୁଲ ସୁବାସ ବେଙ୍ଗାଲୁରୁ ସ୍ଥିତ ତାଙ୍କର ଫ୍ଲାଟରେ ଆତ୍ମହତ୍ୟା କରିଥିବା ବେଳେ ୨୪ ପୃଷ୍ଠାର



ସୁଇସାଡ ନୋଟ ସହିତ ୧ଘଂଟା ୨୦ମିନିଟ୍‌ର ଭିଡିଓ ପ୍ରମାଣିତ କରିଦେଇଛି ନାରୀ ସୁରକ୍ଷା ପାଇଁ କରାଯାଇଥିବା ଆଇନ୍ ଓ ଆମର ବ୍ୟବସ୍ଥାର ଦୁରୁପୋଯୋଗ କରାଯାଇ କିପରି ଜଣେ ପୁରୁଷକୁ ନିର୍ଯାତନା ଦିଆଯାଉଛି ଏବଂ ଯାହାର ଶିକାର ହୋଇଥିଲେ ଏଆଇ ଇଞ୍ଜିନିୟର ଅତୁଲ ସୁବାସ। ୨୦୨୨ରେ ସ୍ତ୍ରୀ ନିକିତା ସିଙ୍ଘାଣିଆ ଉତ୍ତରପ୍ରଦେଶର ଜୋନପୁର ଫେମିଲ କୋର୍ଟରେ ବିଭିନ୍ନ ଦଫାରେ କରିଥିବା ମାମଲା ପାଇଁ ୨୦୨୨ରୁ ୨୦୨୪ (ଦୁଇ ବର୍ଷରେ)୧୨୦ ଥର ଶୁଣାଣୀ ହୋଇଥିବା ବେଳେ ଅତୁଲ ସୁବାସ ବେଙ୍ଗାଲୁରୁରୁ ଉତ୍ତରପ୍ରଦେଶରୁ ଜୋନପୁରକୁ ୪୦ଥର ଯିବାକୁ ପଡ଼ିଥିଲା, ଯାହା ତାଙ୍କ କାର୍ଯ୍ୟକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥଲା। ସୁଇସାଇଡ ନୋଟ ଅନୁସାରେ ବିଚାରପତି ତାଙ୍କୁ ୫ଲକ୍ଷ ଟଙ୍କା ମଧ୍ୟ ମାଗିଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଆତ୍ମହତ୍ୟା କରିବା ସହିତ, ମୃତ୍ୟୁ ପରେ ମଧ୍ୟ ଯଦି ନ୍ୟାୟ ନମିଳେ ତେବେ ତାଙ୍କ ଅସ୍ଥିକୁ କୋର୍ଟ ଆଗ ନାଳରେ ଭସାଇ ଦେବାକୁ ସେ ତାଙ୍କ ସୁଇସାଡ ନୋଟରେ ଉଲ୍ଲେଖ କରିଛନ୍ତି, ଯାହା ପ୍ରମାଣିତ କରୁଛି ସେ କେତେ ନିର୍ଯାତିତ ହୋଇଥିଲେ ଏବଂ ଆମର ବ୍ୟବସ୍ଥା ଉପରେ ସେ କିପରି ଆସ୍ଥା ହରାଇ ସାରିଥିଲେ। ଅବଶ୍ୟ ଏହି ଘଟଣା ପରେ ତାଙ୍କର ସ୍ତ୍ରୀ, ଶାଶୁ ଏବଂ ଶଳାକୁ ପୋଲିସ ଗିରଫ କରିଛି। ଏହିପରି ବିଭିନ୍ନ ମାମଲା ବିଭିନ୍ନ କୋର୍ଟ ଚାଲୁଛି, ଯାହାର ସମାଧାନ କରାଯାଉନାହିଁ, କେବଳ ତାରିଖ ପରେ ତାରିଖ ଗଡ଼ାଇ ମାନସିକ ନିର୍ଯାତନା ଦିଆଯାଉଛି କହିଲେ ଭୁଲ୍ ହେବନାହିଁ। ଅନୁରୂପ ଦୁଇଟି ମାମଲା ମଧ୍ୟରୁ ରାଜସ୍ଥାନର ରାମେଶ୍ୱର ଓ ମୋ. ହାଇଦରଙ୍କ ମାମଲା ଅନ୍ତର୍ଭୁକ୍ତ। ରାମେଶ୍ୱରଙ୍କ ମାମଲା ୨୦ବର୍ଷ ଧରି ଚାଲିଥିବା ବେଳେ ମୋ. ହାଇଦରଙ୍କ ମାମଲା ୨ ବର୍ଷ ଅତିକ୍ରମ କରିସାରିଛି। ଏହାତ ହେଲା ପୁରୁଷ ନିର୍ଯାତନା ସମ୍ପର୍କରେ ଉଦାହରଣ। ଏହାପରେ ଏବେକାର ନାରୀ କିପରି ସଶକ୍ତୀକରଣ ହୋଇସାରିଛି ତାହାର ଏକ ନଗ୍ନ ଉଦାହରଣ ହେଲା ସୌରଭ ରାଜପୁତଙ୍କ ହତ୍ୟା ଘଟଣା।

ଲଣ୍ଡନରେ ଚାକିରି କରୁଥିବା ସୌରଭ ରାଜପୁତଙ୍କୁ ତାଙ୍କ ସ୍ତ୍ରୀ ମୁସ୍କାନ ସହ ତାର ପ୍ରେମିକ ସଲିଲ ହତ୍ୟାକରି ଶବକୁ ୧୫ ଖଣ୍ଡକରି ଗୋଟିଏ ପ୍ଲାଷ୍ଟିକ୍ ଡ୍ରମରେ ପୁରାଇ ତାହାକୁ କଂକ୍ରିଟ୍ କରିଥିଲେ। ସ୍ୱାମୀକୁ ମାରିସାରି ପ୍ରେମିକ ସହିତ ବୁଲିବାକୁ ଯିବା ଭଳି ଘଟଣା ନାରୀ ସଶକ୍ତୀକରଣର ନିଦର୍ଶନ ନୁହେଁ କି ? ୩ ମାର୍ଚ୍ଚ ୨୦୨୫ରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଏହାର ପର୍ଦ୍ଦାଫାସ୍ ଘଟିଥିଲା ୧୮ ମାର୍ଚ୍ଚରେ। ସୌରଭଙ୍କୁ ୩ମାର୍ଚ୍ଚରେ ହତ୍ୟା କରିବା ପରେ ମୁସ୍କାନ ଓ ତାର ପ୍ରେମିକ ସଲିଲ ତାପରଦିନ ଅର୍ଥାତ୍ ୪ ମାର୍ଚ୍ଚରେ ହିମାଚଳ ପ୍ରଦେଶକୁ ବୁଲିବାକୁ ଯାଇଥିଲେ। ସେମାନେ ଫେରିବା ପରେ ସନ୍ଦେହ ହେବାରୁ ପୋଲିସକୁ ଖବର ଦେବା ପରେ ପୋଲିସ ତଦନ୍ତ କରିଥିଲା ଏବଂ ଘଟଣା ଲୋକ ଲୋଚନକୁ ଆସିଥିଲା। ପୋଲିସ ଉଭୟ ମୁସ୍କାନ ଓ ତାର ପ୍ରେମିକ ସଲିଲକୁ ଗିରଫ କରିଛି।

ଓଡ଼ିଶାରେ ମଧ୍ୟ ନାରୀ ସଶକ୍ତୀକରଣ ଘଟଣାର ଉଦାହରଣ ଅନେକ। ଜଗତସିଂପୁର ଘଡ଼ିମୂଳ ଗାଁର ସୋମନାଥ ସ୍ୱାଇଁ ଓ ଜାମସେଦପୁରର ଯୁବତୀ ପ୍ରାପ୍ତି ଶର୍ମା ଲିଭ୍ ଇନ୍ ରିଲେସନରେ ରହୁଥିବା ବେଳେ ସେମାନଙ୍କ ସମ୍ପର୍କରେ ଫାଟ ହେବା ପରେ ପ୍ରାପ୍ତି ଶର୍ମା ପ୍ରେମିକ ସୋମନାଥଙ୍କୁ ଅପହରଣ କରି ୧୦ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲା। ୩୧ ତାରିଖ ରାତିରେ ଏହି ଅପହରଣ ଘଟଣା ପ୍ରାପ୍ତି ଘଟାଇଥିବା ବେଳେ ଏଥିରେ ତାର ଭଉଣୀର ପୁରୁଷବନ୍ଧୁ ରାକେଶ ସମେତ ମୋଟ ୫ଜଣ ସାମିଲଥିଲେ ଏବଂ ପୋଲିସ ସମସ୍ତଙ୍କୁ ଗିରଫ କରିଛି।

ଏମିତି ଖୋଜିଲେ ବହୁ ପୁରୁଷ ନିର୍ଯାତନାର ଘଟଣା ପଦାକୁ ଆସିବ। କିନ୍ତୁ କୌଣସି ରାଜନୈତିକ ଦଳ/ନେତା କିମ୍ବା ସାମାଜିକ ସଙ୍ଗଠନ ଏସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ନୀରବ। କଂଗ୍ରେସର ଜାତୀୟ ପ୍ରବକ୍ତା ସୁପ୍ରିୟା ଶ୍ରୀନେତ, ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ନିକଟରେ ବୟାନ ଦେଇଥିଲେ। କିନ୍ତୁ ନାରୀ ଦ୍ୱାରା ପୁରୁଷର ନିର୍ଯାତନା ସମ୍ପର୍କରେ ସୁପ୍ରିୟା କେବେ ଚିନ୍ତା କରିଛନ୍ତି କି (?), ନା' କେବଳ ରାଜନୈତିକ ଦୃଷ୍ଟି କୋଣରୁ ସବୁକିଛି ଦେଖୁଛନ୍ତି ? ଓଡ଼ିଶା ତଥା ଦେଶରେ ପୁରୁଷ ନିର୍ଯାତନାର ଶିକାର ହେଉଥିବା ଉପଲବ୍ଧି କରି ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଦୀର୍ଘ ବର୍ଷ ହେଲା 'ପୁରୁଷ କମିସନ' ଗଠନ ପାଇଁ ଦାବି କରିଆସୁଥିବା ବେଳେ କୌଣସି ରାଜନୈତିକ ଦଳ/ ନେତା କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି, ଯାହା ସାମ୍ପ୍ରତିକ ପରିପ୍ରେକ୍ଷୀରେ ଜରୁରୀ ହୋଇପଡ଼ିଛି। ତେଣୁ କଂଗ୍ରେସ ନାରୀସୁରକ୍ଷା ଡ୍ରାମା ବନ୍ଦ କରିବା ସହିତ ସମସ୍ତ ରାଜନୈତିକ ଦଳ ମଧ୍ୟ ପୁରୁଷ ସୁରକ୍ଷା କଥା ଚିନ୍ତା କରିବାର ଆବଶ୍ୟକତା ରହିଛି।

# ବ୍ଲାକ୍ ଡାଏମଣ୍ଡ - କଳା ହୀରା-୧

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦.
ମୋ : ୯୪୩୭୩୨୪୯୧୭

କଳା ହୀରା ବିଷୟରେ କିଞ୍ଚିତ କେହି ପଦେ ଅଧେ ଶୁଣି ଥିବେ, କି'ନ୍ତୁ ସମସ୍ତେ ପ୍ରାୟତଃ ତା ବିଷୟରେ ସବିଶେଷ ଜ୍ଞାନ ପାଇନଥିବେ । ଆଣବିକ ଗଠନର ସାମଞ୍ଜସ୍ୟ ତଥା ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ପ୍ରାକୃତିକ ଗଠନ ପ୍ରଣାଳୀରେ ସମାନ୍ତରାଳ ସରଞ୍ଚନା ହେତୁ ଅଙ୍ଗାରକୁ ବ୍ଲାକ୍ ଡାଏମଣ୍ଡ ବା କଳା ହୀରା ବୋଲି କୁହାଯାଏ । ଯାହା ହେଉ ବର୍ତ୍ତମାନ ଏଠାରେ ଆମେ ତା'ର ବୈଜ୍ଞାନିକ ବିଶ୍ଳେଷଣ କରିବା ନାହିଁ । ହେଲେ ରତ୍ନ ହୀରାର ବଜାରରେ ଅତୀବ ବିରଳ ତଥା ତା'ର ବଜାର ମୂଲ୍ୟ ଏତେ ଅଧିକ ଯେ ତାହା କିଣିବା ତ ବହୁତ ଦୂର, ଦେଖିବାକୁ ମଧ୍ୟ ସ୍ୱପ୍ନ । ରତ୍ନ ହୀରା ସହିତ ଗଠନରେ ସମାନ୍ତରାଳ ରହିଥିବା କଳା ହୀରା ବା ଅଙ୍ଗାର / କୋଇଲା ଠିକ ତା'ର ବିପରୀତ ସ୍ଥାନରେ ରହିଥାଏ ଯେ ତା'ର ବଜାର ମୂଲ୍ୟ ଅତି ନଗଣ୍ୟ ଏବଂ ତାକୁ ଦେଖିବାକୁ ମଧ୍ୟ କେହି ଋହାଁନ୍ତି ନାହିଁ ! ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ଯେ ସାଧାରଣ ମଣିଷ ସେହି କଳା ହୀରାକୁ ଅଙ୍ଗାର ବୋଲି ଜାଣିନଥିଲେ ମଧ୍ୟ ବ୍ଲାକ୍ ଡାଇମଣ୍ଡ ବୋଲି ଆକ୍ଷରିକ ଉଚ୍ଚାରଣରେ ଡାଇମଣ୍ଡ ଅର୍ଥାତ ହୀରା ବୋଲି ଶବ୍ଦଟିଏ ରହିଥିବା ହେତୁ ତାହା ନିଶ୍ଚିତ କିଛି ଗୋଟେ ମୂଲ୍ୟବାନ ପଦାର୍ଥ ହୋଇଥିବ ବୋଲି ଭାବୁଥିବା କୌଣସି ଆଶ୍ଚର୍ଯ୍ୟ ବିଷୟ ନୁହେଁ ଆମ ଦେଶରେ । ତେଣୁ କେତେକ ବ୍ୟବସାୟୀକ କ୍ଷେତ୍ରରେ ବ୍ଲାକ୍ ଡାଇମଣ୍ଡ ଶବ୍ଦ ବ୍ୟବହାର କରି ଲୋକଙ୍କୁ ଭୁଆଁ ବୁଲାଇ ବ୍ୟବସାୟ କରୁଛନ୍ତି କେତେକ କମ୍ପାନୀ । ଆମ ଦେଶର ଲୋକଙ୍କ କୌଣସି ବିଷୟରେ ତର୍ଜମା ଜ୍ଞାନ ରହିନଥିବା କାରଣରୁ ଯିଏ ଯାହା କହିଲା ସେକଥାରେ ନିର୍ଦ୍ୱନ୍ଦରେ ବିଶ୍ୱାସ କରିବା ଆମର ଏକ ସହଜାତ ପ୍ରକୃତି । ତେଣୁ ବ୍ୟବସାୟୀ ସହଜରେ ଯାହା-ତାହା କହି ବ୍ୟାପାର କରନ୍ତି ଏଠାରେ ଯାହା ସାଧାରଣ ଲୋକଙ୍କୁ ଲୁଣ୍ଠନ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ସେମାନଙ୍କ ପାଇଁ । ଏଠାରେ ସେହି ପାର୍ଥିବ ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ସମ୍ପର୍କ / ଭେଦକୁ ବିଋରକୁ ନେଇ ସାମାଜିକ ମଣିଷଙ୍କ ଋରିତ୍ରିକ ବିଋର ଏବଂ ସାମାଜିକ ସ୍ଥିତି ଉପରେ ଏକ ବିଶେଷ ଆଲୋଚନା କରିବା ।

ବିଶ୍ୱ ଇତିହାସ ଦେଖିଲେ ଜାଣିବାକୁ ମିଳିବ ଯେ ଭାରତୀୟ ସଂସ୍କୃତି ଓ ସଭ୍ୟତା ପୃଥିବୀର ସର୍ବ ପ୍ରଥମ ଉନ୍ନତ ଓ ମାନବବାଦୀ ସଂସ୍କାରର ପୃଷ୍ଠଭୂମି ଭାବେ ଗଢି ଉଠିଥିଲା । ଆଜିକୁ ଅନ୍ୟୁନ ୫୦୦୦ ବର୍ଷ ପୂର୍ବେ ଅଖଣ୍ଡ ଭାରତବର୍ଷରେ ସମାଜର ପ୍ରଥମ ଉନ୍ନତ ମାନବ ଉଦ୍ଭବ ହୋଇଥିଲା । ତେଣୁ ଭାରତକୁ ଏକ ସାଂସ୍କୃତିକ ରାଷ୍ଟ୍ର ଭାବେ ବିଶ୍ୱବ୍ୟାପୀ ଗ୍ରହଣ କରାଯାଉ ଥିଲା । ସେତେବେଳେ ସମଗ୍ର ବିଶ୍ୱର ମଣିଷ ସମୂହଙ୍କ ସାମଗ୍ରିକ ବିକାଶ କେବଳ ମାନବିକ ଧର୍ମ ତଥା ଚରିତ୍ରବତ୍ତା ଉପରେ ଆଧାରିତ ଜୀବନ ଶୈଳୀକୁ ହିଁ ବୁଝାଉ ଥିଲା । ବୈଜ୍ଞାନିକ ଉଦ୍ଭାବନ ତଥା ବସ୍ତୁବାଦୀ ଚେତନାର କୌଣସି ଉନ୍ନତ କୌଶଳ କିମ୍ବା ବ୍ୟବସାୟ ଭିତ୍ତିକ ଷଡ଼ଯନ୍ତ୍ର ମଣିଷ ମନରେ ଉଦ୍ଗିରଣ ହୋଇ ନଥିଲା । ତେଣୁ ସେହି ସମୟରେ ସାଧାରଣ ମଣିଷଙ୍କ ମଧ୍ୟରେ ଜନ୍ମ ହୋଇଥିବା କେତେକ ପ୍ରାକୃତିକ ଅନ୍ତର୍ଜ୍ଞାନୀ ବିଭିନ୍ନ ଦାର୍ଶନିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ମାନବିକ ମୂଲ୍ୟବୋଧ ଭିତ୍ତିକ ଅନେକ ଶୈଳୀ ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଲିପି ତଥା ବଚନ ମାଧ୍ୟମରେ ସଚେତନ କରୁଥିଲେ । ହାତ ଗଣତି କେତେକ ଜ୍ଞାନୀ ମଣିଷଙ୍କୁ ସମାଜର ସାଧାରଣ ମଣିଷମାନେ ଆନ୍ତରିକ ମାନ୍ୟତା ଦେଇ ଗ୍ରହଣ, ସମ୍ମାନ କରିବା ସହିତ ସେମାନଙ୍କ ପ୍ରେରଣାକୁ ନିଜ ଜୀବନ ଶୈଳୀରେ ସଂଶ୍ଳିଷ୍ଟ କରି ଆନନ୍ଦରେ ବଂଚିବାର ସୁଯୋଗ ସୃଷ୍ଟି କରୁଥିଲେ ।

ସମୟର କରାଳ ଗତିରେ ପ୍ରାକୃତିକ ପରିବେଶ ଜନିତ ମଣିଷ ମସ୍ତିଷ୍କରେ ଧିରେଧିରେ ବ୍ୟାପକ ପରିବର୍ତ୍ତନ ହେବାକୁ ଲାଗିଲା । ଅନେକ ମଣିଷ ନିଜସ୍ୱ ବିଋରଧାରା ସୃଷ୍ଟି କରି କେତେବେଳେ ଯେ କ'ଣ କ'ଣ ସବୁ ପ୍ରଦାନ କଲେ ମଣିଷ ସମାଜକୁ ସେଗୁଡିକର ଆଉ ସୀମା ନାହିଁ । ଇତି ମଧ୍ୟରେ ପୃଥିବୀ ପୃଷ୍ଠର ଭୌଗଳିକ ସ୍ଥିତିକୁ ନେଇ ଭିନ୍ନ ଭିନ୍ନ ଅଂଚଳରେ କେତେକ ପ୍ରାକୃତିକ ଅନ୍ତର୍ଜ୍ଞାନୀ ମଣିଷ ସୃଷ୍ଟି ହେଲେ ଯେଉଁମାନେ ବିଭିନ୍ନ ବୈଜ୍ଞାନିକ ମନୋଭାବ ସହିତ ଉଦ୍ଭାବନ, ଆବିଷ୍କାର ଗୁଡିଏ କରିବାରେ କୃତକାର୍ଯ୍ୟ ହେବାକୁ ଲାଗିଲା । କାଳକ୍ରମେ ସେହି ବୈଜ୍ଞାନିକ ଉନ୍ନତିର ଶାଖା ବିଶ୍ୱବ୍ୟାପୀ ପ୍ରସାର ହୋଇ ଆଜି ଆମେ ଯେଉଁ ସ୍ତରରେ ଆସି ପହଞ୍ଚିଛେ ତାହା ସର୍ବଜନ ଜ୍ଞାତ ବିଷୟ । ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ତଥା ତାହାର ଉତ୍ସ ଗୁଡିକ ସାଧାରଣ ମଣିଷଙ୍କୁ କିଛି ନୂତନ ପ୍ରେରଣା ଦେବା ସହିତ ଜୀବନ ଶୈଳୀରେ କେତେକ ଉନ୍ନତ ପରିବର୍ତ୍ତନରେ ଯଥେଷ୍ଟ ସାହାଯ୍ୟ କଲା । କାଳକ୍ରମେ ଅନେକ ବୈଜ୍ଞାନିକ ପ୍ରଣାଳୀ ବ୍ୟବହାର କରିବା ସହିତ ସେଇଥିରେ ସମ୍ପୂର୍ଣ୍ଣ ମନୋନିବେଶ କରିବା ଦ୍ୱାରା ମଣିଷର ଋତୁରୀ ବୃଦ୍ଧି ପାଇବାରେ ଲାଗିଲା । ଅର୍ଥାତ ସମାଜରେ କେତେକ ଚତୁରଙ୍କ ଆବିର୍ଭାବ ହେଲା ଯେଉଁମାନେ ସାଧାରଣ ମଣିଷଙ୍କୁ ନିଜ ଅକ୍ତିଆରକୁ ସହଜରେ ଆଣିବାରେ ସମର୍ଥ ହୋଇ ପାରିଲେ !

(କ୍ରମଶଃ)

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଘିବ୍ଲି ଟ୍ରେଣ୍ଡିଂ

କବିତା ମହାନ୍ତି



ମହାପାତ୍ର ବାବୁ ଛାତ ଉପରେ ଥିବା ଗଛରେ ପାଣି ଦେଇ ବାଲକୋନୀକୁ ଆସି ଫ୍ୟାନ୍ ଲଗାଇ ଚେୟାର ଟାଣି ବସି ପଡ଼ିଲେ। ବିଶ୍ୱ ବ୍ୟାପି ତାପ ବୃଦ୍ଧିର ପ୍ରଭାବ ଓଡ଼ିଶା ଉପରେ ଆଗ ପଡ଼ିଛି। ଆଉ ଆଜିର ରାଜଧାନୀ ଭୁବନେଶ୍ୱର ଏକ କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଛି । ଅସହ୍ୟ ଗୁଳୁଗୁଳି ସହ ଗରମ ଖରା। ଫେବୃଆରୀ ଆରମ୍ଭରୁ ରାଜଧାନୀ ଜଳିବା ଆରମ୍ଭ ହୋଇଛି। କାମବାଲୀ ସକାଳେ ସନ୍ଧ୍ୟାରେ ଆସୁଥିବାରୁ ମହାପାତ୍ର ବାବୁ ଓ ତାଙ୍କ ସହଧର୍ମିଣୀ ପାଳିକରି ଘର ଜଗି ଥାଆନ୍ତି । ପ୍ରାତଃ ଭ୍ରମଣରେ ମହାପାତ୍ର ବାବୁ ଯିବା ବେଳେ ସାନ୍ଧ୍ୟ ଭ୍ରମଣରେ ସୁଲତା ଯାଆନ୍ତି। ଏଇଠି ଚାହୁଁ ଚାହୁଁ ମହାପାତ୍ର ବାବୁ ଚାକିରିରୁ ଅବସର ନେବାର ପାଞ୍ଚ ବର୍ଷ ହୋଇ ଗଲାଣି । ଚୌକିର ମୋହ ଛାଡ଼ି ସେ ଅବସର ଜୀବନକୁ ବହୁତ୍ ଜଲଦି ଆପଣେଇ ନେଲେ। ଅବସର ପରେ ତାଙ୍କର କିଛି ବନ୍ଧୁ ମାନଙ୍କର ମାନସିକ ସନ୍ତୁଳନ ହରାଇବାର ସ୍ଥିତି ସେ ନିଜେ ଦେଖିଛନ୍ତି।

ଯାହା ହେଉ ଅବସର ବେଳକୁ ତାଙ୍କର ପୁଅ ଝିଅଙ୍କ ଚିନ୍ତା ତାଙ୍କୁ ନାହିଁ । ସେମାନେ ଭଲ ଚାକିରି କରି ବାହା ସାହା ହୋଇ ନିଜ ନିଜ ଜୀବନରେ ବ୍ୟସ୍ତ। ଏପଟେ 'ବୋଲେ ହୁଁ ଟି' ଭଳି ମହାପାତ୍ର ବାବୁ ପତ୍ନୀ ସୁଲତାଙ୍କର ସବୁ କଥାରେ ହଁ ଭରି ଜୀବନକୁ ଆଗକୁ ନେଇ ଚାଲିଛନ୍ତି । ଏମିତି ବି ତ ସୁଲତାଙ୍କର ସୁନ୍ଦର ସଂସାରଟିକୁ ଗଢିବାରେ ଅନେକ ଅବଦାନ। ସେ ତାଙ୍କ ଦପ୍ତରରେ ସବୁଠାରୁ ସଚ୍ଚୋଟ, କର୍ମଠ, ନିଷ୍ଠାପର ଅଧିକାରୀ ବୋଲି ସମ୍ମାନିତ ହେବା ସମୟରେ ସେ ତାଙ୍କର ସବୁ ଶ୍ରେୟ ସୁଲତାଙ୍କୁ ଦେଇଥିଲେ। ଘର କାମରେ ସୁଲତା ନିପୁଣା, ସେ କେବେ ମହାପାତ୍ର ବାବୁଙ୍କୁ ପିଲାଙ୍କ କାମରେ କିମ୍ବା ଘର କାମରେ ଭାଗ ବାଣ୍ଟି ନାହାଁନ୍ତି। ବରଂ ତାଙ୍କୁ ତାଙ୍କ ଅଫିସ୍ କାମ ନିଷ୍ଠାର ସହ କରିବା ପାଇଁ ପ୍ରବର୍ତ୍ତାଇଛନ୍ତି। ଏମିତି ଏମିତି ଦୁଇ ଜଣ ଷାଠିଏ ଅତିକ୍ରମ କରି ସାରିଲେଣି।

ଏମିତି ଭାବୁ ଭାବୁ ମହାପାତ୍ର ବାବୁ ପୁଣି ଥରେ ରାସ୍ତା ଆଡ଼େ ଚାହିଁଲେ। ସନ୍ଧ୍ୟା ହୋଇ ଗଲାଣି। ସୁଲତା କୁଆଡେ ଗଲେ ଏଯାଏ ? ପିଲାମାନେ ବାହାରକୁ ଚାଲିଗଲା ପରେ ସୁଲତା ଟିକେ ଏକୁଟିଆ ହୋଇଛନ୍ତି ସତ କିନ୍ତୁ ସେ ଲେଡିଜ୍ କ୍ଲବ୍, ୱାର୍କର୍ସ କ୍ଲବ୍, ଏମିତି କିଛି ଗ୍ରୁପ୍‌ରେ ଯୋଡ଼ି ହୋଇ ସମୟ ବିତାଉଛନ୍ତି। ମହାପାତ୍ର ବାବୁ କେବେ ସୁଲତାଙ୍କ ସ୍ୱାଧୀନତାରେ ହସ୍ତକ୍ଷପ କରି ନାହାଁନ୍ତି।

କିନ୍ତୁ ଆଜିକାଲି ମହାପାତ୍ର ବାବୁ ସୁଲତାଙ୍କ ଭିତରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି। ଆଗରୁ ଘର କାମ ସରିଲା ପରେ ଟିଭି ଦେଖୁଥିଲେ ସୁଲତା, ଆଜିକାଲି ଆଉ ଟିଭି ଦେଖା ନାହିଁ। ଚବିଶି ଘଣ୍ଟା ସେଇ ମୋବାଇଲରେ ବ୍ୟସ୍ତ। ନିଜର ଚାଲି ଚଳନରେ ପରିବର୍ତ୍ତନ କଥା ପଚାରିଲେ ସେ କହୁଛନ୍ତି 'ଏ ସବୁ ମଡର୍ଣ୍ଣ ଟ୍ରେଣ୍ଡ, ତମ ଭଳି ମରଘଟିଆ ଲୋକ କାହୁଁ ବୁଝିବ' । ସୁଲତା ଆଜିକାଲି ଶାଢ଼ି କମ୍ ପିନ୍ଧୁଛନ୍ତି, ବେଶି ଡ୍ରେସ୍ । କେବେ କେମିତି ଉତ୍କଳ ଦିବସ ଦିନ ଶାଢ଼ି ପିନ୍ଧିବା, ନହେଲେ ନବରାତ୍ରୀରେ ନଅଟି ରଙ୍ଗର ଶାଢ଼ି ପିନ୍ଧି ଫଟୋ ଉଠାଇ ଫେସବୁକ୍‌ରେ ପୋଷ୍ଟ କରିବା ଭଳି ବିରଳ ଶାଢ଼ି ପିନ୍ଧା ଦେଖିବାକୁ ମିଳୁଛି। ଶାଢ଼ି କଥା ଉଠିଲେ କହୁଛନ୍ତି ଡ୍ରେସରେ ଯେଉଁ କମ୍ଫର୍ଟ ଅଛି ଶାଢ଼ିରେ କାହିଁ !! ମହାପାତ୍ର ବାବୁ ବୁଝି ପାରୁନାହାଁନ୍ତି ତାଙ୍କ ବୋଉ, ଜେଜେମା, ଆଈ କେମିତି ଏ କଥା ସେକାଳେ ବୁଝି ପାରି ନଥିଲେ? ଆଜି କାଲି କଥା କଥାକେ ସୁଲତା କେବଳ ଭାଇରାଲ୍ ଭିଡିଓ, ଇନଷ୍ଟା ରିଲ୍, ଫେସବୁକ୍ ଟ୍ରେଣ୍ଡ୍, ମଡର୍ନ ଟ୍ରେଣ୍ଡିଂ ଏଇ ସବୁ କଥା କହୁଛନ୍ତି। ମହାପାତ୍ର ବାବୁ ସବୁ ଶୁଣି ଚୁପ୍ ରୁହନ୍ତି। ସମସ୍ତଙ୍କୁ ନିଜ ଖୁସିରେ ବଞ୍ଚିବାର ଅଧିକାର ଅଛି। ତାଙ୍କୁ ଯାହା ଭଲ ଲାଗୁଚି ସେ କରନ୍ତୁ।

ଏମିତି ଭାବୁ ଭାବୁ ସୁଲତା ଆସିବାର ପାଦ ଶବ୍ଦ ହେଲା । ସୁଲତା ମୋବାଇଲକୁ ଚାହିଁ ଚାହିଁ ଉପରକୁ ଆସିଲେ । ବାଲକୋନୀରେ ଚେୟାରଟିଏ ନେଇ ବସିଗଲେ। ଚା କଣ ତିଆରି କରିବେ ସେ ତ ତାଙ୍କ ଦୁନିଆଁରେ ବ୍ୟସ୍ତ। ମହାପାତ୍ର ବାବୁ ସାହସ କରି ପଚାରିଲେ 'ସୁଲତା କିଛି ଅସୁବିଧା ହୋଇଛି କି ? କାହିଁକି ଏତେ ବିବ୍ରତ ଥିବା ପରି ଜଣା ପଡୁଛ। ସୁଲତା କହିଲେ' ତୁମକୁ କହି କି ଫାଇଦା, ତମେ ତ ଆଜିର ଟ୍ରେଣ୍ଡ୍ କଣ ଜାଣନି । ମୋତେ କେମିତି ସାହାଯ୍ୟ କରିବ। 'ମହାପାତ୍ର ବାବୁ କହିଲେ ଚା କପ୍‌ରେ ସବୁ ସମସ୍ୟାର ସମାଧାନ ଅଛି । ଆଗ ଚା ଟିକେ ନେଇକି ଆସ । ସୁଲତା ଫଁ ଫଁ ହୋଇ ରୋଷେଇ ଘର ଆଡେ ଗଲେ । ଦୁଇ କପ୍ ଚା ନେଇ ଆସି କହିଲେ 'କଣ ସମାଧାନ କରିବ ତମେ । ମୁଁ ଦୁଇ ଦିନ ହେଲା ପିଲାଙ୍କୁ କହି କହି ସେମାନେ ହସରେ ମୋ କଥାକୁ ଉଡ଼ାଇ ଦେଉଛନ୍ତି। ତାଙ୍କ ପାଖେ ମୋ ପାଇଁ ସମୟ ନାହିଁ। ଆମ କ୍ଲବ୍‌ର ସବୁ ଲେଡିଜ୍ ମାନେ ଘିବ୍ଲି ପୋଟ୍ରେଟ୍ କରି ସାରିଲେଣି। ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଇଣ୍ଟରନେଟ ରାତାରାତି ଘିବ୍ଲିରେ ଭାଇରାଲ ହୋଇଛି । ମୁଁ ମୋର ଡିପି ଘିବ୍ଲିକୁ ଚେଞ୍ଜ କରିବି ବୋଲି କରି ପାରୁନି । ମିସେସ୍ ଦାସ ଫରେନ୍ ଟ୍ରିପ୍‌ରେ ଥାଇ ତାଙ୍କର ଫ୍ୟାମିଲି ଟ୍ରିପ୍ ଫଟୋ ମଧ ଘିବ୍ଲି ଷ୍ଟାଇଲରେ ଆମ ଲେଡିଜ ଗ୍ରୁପ୍‌ରେ ପୋଷ୍ଟ କରିଛନ୍ତି । ଅଥଚ ମୁଁ ଡିପି କରି ପାରୁନି ।'

ମହାପାତ୍ର ବାବୁ ସବୁ ଶୁଣି କହିଲେ 'ଏଇ କଥାକୁ ନେଇ ଏତେ ଚିନ୍ତା। ତୁମେ ତୁମ ନିଜର କାର୍ଟୁନ୍ ବନାଇବାକୁ ଚାହୁଁଛ ତା ହେଲେ।' ରାଗି ଯାଇ ସୁଲତା କହିଲେ 'ଏଥି ପାଇଁ ମୁଁ ତୁମକୁ ଏ ସବୁ କୁହେନି, ସବୁ କଥାର ମଜା ଉଡ଼ାଇବ। ସାରା ଦୁନିଆଁ ମନ୍ତ୍ରୀଠାରୁ ନେତା, ଖଳନାୟକ ଠାରୁ ଆରମ୍ଭ କରି ମଞ୍ଚ ନାୟକ, କ୍ରିକେଟିୟର ଠାରୁ ଫୁଟବଲର୍, ବୃଦ୍ଧ ବନିତା ଠାରୁ ଆରମ୍ଭ କରି ଛୁଆ ପର୍ଯ୍ୟନ୍ତ ରାତାରାତି ଘିବ୍ଲିରେ ଘାରି ଯାଇଛନ୍ତି, ଆଉ ତମେ ମୋତେ କହୁଛ କାର୍ଟୁନ୍ !!

'ଶୁଣ ସୁଲତା, ପିଲା ମାନଙ୍କ ସାନ ବେଳ କଥା ମନେ ପକାଅ। ଆମ ପିଲାଏ ଡିସ୍‌ନି ଲ୍ୟାଣ୍ଡ ଦେଖୁଥିଲେ, ସେମାନଙ୍କର ପ୍ରିୟ କାର୍ଟୁନ୍ ସୋ ଥିଲା, ମନେ ଅଛି ତୁମର ? ଚିତ୍ରକୁ ଜୀବନ୍ତ କରିବା ପାଇଁ କାର୍ଟୁନ୍ ଆକାରରେ ଫିଲ୍ମ ବନା ଯାଉଥିଲା । ତାକୁ ଆନିମେସନ କୁହା ଯାଏ। ଅର୍ଥାତ୍ ମଣିଷ ହାତରେ ତିଆରି ହୋଇ ଥିବା ଚିତ୍ରକୁ କାର୍ଟୁନ୍ ମାଧ୍ୟମରେ ଜୀବନ୍ତ କରାଯାଏ । ଆଜି ଜିଅନ୍ତା ମଣିଷ ତା ନିଜର କାର୍ଟୁନ୍ କରି ପୋଟ୍ରେଟ୍ ହେବାକୁ ଚାହୁଁଛି। ସେଇ ତ ଘିବ୍ଲି, ଯାହା କୃତ୍ରିମ ବୁଦ୍ଧି ଲଗାଇ ତିଆରି ହୋଇଛି। ଏ ସବୁ ପାଗଳାମୀ ମାତ୍ର। ଜଣକୁ ଦେଖି ଆଉ ଜଣେ ପାଗଳ। ଏଥିପାଇଁ ସୋସିଆଲ ମିଡ଼ିଆ ଦାୟୀ। ଲୋକେ ବୁଝୁ ନାହାଁନ୍ତି ଯେ ଏଇ କାର୍ଟୁନ୍ ମାଧ୍ୟମରେ ମଜା କରୁ କରୁ ନିଜର ପରିଚୟ ( ଡାଟା ବେସ୍) ବାଣ୍ଟି ଦେଉଛନ୍ତି, ଆଗକୁ କଣ ହେବ ସେ ବିଷୟରେ ଭାବିବାର ନାହିଁ। କଣ ନା ଆଜିକାଲିର ଟ୍ରେଣ୍ଡ !! ସୁଲତା କହିଲେ ମୋର ସେ ସବୁ ବୁଝିବାର ନାହିଁ । ଲକ୍ଷ ଲକ୍ଷ ଫେସବୁକ୍ ୟୁଜର କଣ ସବୁ ମୂର୍ଖ। ରାତାରାତି ଘିବ୍ଲି ଇଣ୍ଟରନେଟରେ ଭାଇରାଲ ହୋଇଗଲା। ସମସ୍ତେ ବୋକା। ତମେ ସେ ଆପ୍ ବ୍ୟବହାର କରି ଜାଣିନ, ସେ କଥା କୁହ।

ମହାପାତ୍ର ବାବୁ ହସି ହସି କହିଲେ 'ତା ହେଲେ ତୁମର ଆଜି ରାତି ସୁଦ୍ଧା ଘିବ୍ଲି ଷ୍ଟାଇଲ ପୋଟ୍ରେଟ୍ ଦରକାର। ଟିକେ ଅପେକ୍ଷା କର, ଝିଅକୁ କହିଲେ ସେ ତାର ଫ୍ରି ସମୟରେ କରିଦେବ। 'ଏଇ ସମୟରେ କାମବାଲୀ ଝିଅ ରଞ୍ଜନା ଆସି ଗଲା । 'ମା ରୁଟି ସାଙ୍ଗେ କଣ ତରକାରୀ କରିବି କୁହ' । ମାଆ( ସୁଲତା) ଫୋନ୍ ଧରି ଚିଡି ମିଡି ହେଉଛନ୍ତି। କହିଲେ 'ତୋର ଯାହା ଇଚ୍ଛା ତାହା ରୋଷେଇ କର'। ମହାପାତ୍ର ବାବୁ କହିଲେ 'ତୋ ମା କୁ ଘିବ୍ଲି ଘାରିଛି। ତାଙ୍କୁ ଏବେ ଘିବ୍ଲି ଷ୍ଟାଇଲ ପୋଟ୍ରେଟ୍ ଦରକାର, ସେଥିପାଇଁ ସେ ରାଗିଛି।' ଓଃ ଏଇ କଥା କହି ରଞ୍ଜନା ମାଆ ( ସୁଲତା)ଙ୍କ ହାତରୁ ଫୋନ୍ ନେଇ ଦୁଇ ମିନିଟ୍‌ରେ ସେ ଚାହୁଁଥିବା କାର୍ଟୁନ୍ ପୋଟ୍ରେଟ୍ କରି ଦେଇ କହିଲା 'ନିଅ ମାଆ ଘିବ୍ଲି ଷ୍ଟାଇଲ ଫଟୋ କରି ଦେଇଛି। ଆଉ କେତେଟା ଫଟୋ ଏମିତି କାର୍ଟୁନ୍ କରିବ କୁହ, ମୁଁ ଏଇନେ କରିଦେବି।'

ମହାପାତ୍ର ବାବୁ ମନେ ମନେ ହସୁଥିଲେ ସୁଲତାଙ୍କ ପାଖରେ ଘିବ୍ଲି ରାଣୀ ଅଛନ୍ତି, ସେ କାର୍ଟୁନ୍ ହେବା ପାଇଁ ଏତେ ଆଡେ ଲୋକ ଖୋଜୁଛନ୍ତି ।

ନିଗମାନନ୍ଦ ନଗର
ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦

# ସ୍ୱପ୍ନ ବୃତ୍ତାନ୍ତ

ସୁନନ୍ଦା ମହାନ୍ତି



ସହରର ଗଳି କନ୍ଦି ରାସ୍ତାରେ ଓ ବଜାରରେ ଅନେକ ସାଇନବୋର୍ଡ ଭିତରୁ କୋଉଠି କୋଉ ଡକ୍ଟର। କିଏ କାନ, ନାକ, ଗଳା, ନାସା ଡାକ୍ତର ହେଲେ ଏ ସ୍ୱପ୍ନର ଡକ୍ଟର ଲେଖା ସାଇନ ବୋର୍ଡ ଦେଖି କିଛି ବୁଝି ହେଉନଥିଲା ନିଶିକାନ୍ତଙ୍କୁ। ଶୁଣୁ ଶୁଣୁ ଓ ବୁଝୁ ବୁଝୁ ସ୍ୱପ୍ନ ଦେଖୁଥିବା ଫଳ, ସ୍ୱପ୍ନରେ ଦେଖିବାକୁ ଚାହୁଁଥିବା ବ୍ୟକ୍ତି, ପ୍ରାକୃତିକ ବା କୃତ୍ରିମ ବସ୍ତୁ ଓ ପଦାର୍ଥକୁ ସ୍ୱପ୍ନରେ ଆଣିବାର ସହଜ ମାର୍ଗ ପାଇଁ କଣ ସବୁ କରାଯାଇପାରେ ଏସବୁର ଥେରାପି ପ୍ରଦାନ କରୁଥିବା ମହିଳା ଡକ୍ଟର ଅଭିପ୍ସା ବାନାର୍ଜିଙ୍କ ଚର୍ଚ୍ଚା ସହର ସାରା।

ନିଶିକାନ୍ତ ଜାଣେ ସ୍ୱପ୍ନ ଏକ ସାମୟିକ ମନର ଭ୍ରମ ଓ ସମୟର ଛଳନା ଛଡା ଆଉ କିଛି ନୁହେଁ। ତା ଛଡା ଏଯାଏଁ ସେ ଜାଣିଛି ଯେ ଯେଉଁମାନେ ସ୍ୱପ୍ନ ଦେଖନ୍ତି ସେମାନଙ୍କୁ ଭଲ ନିଦ ହୁଏନାହିଁ ଅର୍ଥାତ ଆଖିର ଗହଣା ନିଦ ଭିତରେ ସ୍ୱପ୍ନ ଏକ ଏମିତି ଅଳଙ୍କାର ଯାହା ଶୋଇବାରେ ବ୍ୟାଘାତ ସୃଷ୍ଟି କରେ ମଣିଷର। ଏମିତିକି କେତେକ ସ୍ୱପ୍ନ ମଧ ରୋଗ ଓ ରୋଗରୁ ମୃତ୍ୟୁକୁ ଡାକି ଆଣିଥାଏ ବୋଲି ଜାଣେ ନିଶିକାନ୍ତ। ଯେମିତିକି ଯିଏ ସ୍ୱପ୍ନରେ ଭୂତପ୍ରେତଙ୍କ ସହ ନୃତ୍ୟ କରି ପାଣିରେ ବୁଡ଼ିଯାଏ ସେ ଖୁବ ଶୀଘ୍ର ଦୁନିଆଁକୁ ଛାଡିଦିଏ। ପୁଣି ସ୍ୱପ୍ନରେ ଯିଏ ନିଶାଗ୍ରସ୍ତ ଅବସ୍ଥାରେ ମୁଣ୍ଡ ଓଲଟା ରଖି ନିଜକୁ ଭୂତ ସହିତ ନୃତ୍ୟ କରିବାର ଦେଖେ ସେ ଉନ୍ମାଦ ରୋଗରେ ଆକ୍ରାନ୍ତ ହୋଇ ଖୁବ ଶୀଘ୍ର ମୃତ୍ୟୁ ବରଣ କରିଥାଏ। ସେମିତି ସ୍ୱପ୍ନରେ ନିଜକୁ ରାଶି ଲଡୁ ଓ ପିଠା ଖାଇବାର ଦେଖନ୍ତି ଓ ଜାଗ୍ରତ ହେବାପରେ ତାହା ବାନ୍ତି କରନ୍ତି ଓ ଏକଥା ସବୁକୁ ଯେଉଁ ଡାକ୍ତର / ବୈଦ୍ୟ/କବିରାଜ ସ୍ୱପ୍ନର ଏହି ପ୍ରାକ ଲକ୍ଷଣଗୁଡିକୁ ଭଲଭାବରେ ବୁଝିଥାଏ, ସେ ସମ୍ପୃକ୍ତ ରୋଗର ଉପଚାର ସମ୍ଭବ କି ନୁହେଁ ଏବଂ ସମ୍ଭାବ୍ୟ ମୃତ୍ୟୁ ବିଷୟରେ ମଧ ପୂର୍ବାନୁମାନ କରିପାରେ। ତେବେ ଏ ସାଇନ ବୋର୍ଡ ଟାଙ୍ଗିଥିବା ଡାକ୍ତର କୋଉ ସ୍ୱପ୍ନ ଦେଖେଇବାର ବାର କାରକ କାରଣ ନା ସକାରଣ ଥେରାପି !

ପ୍ରଥମରୁ ସାଇନ ବୋର୍ଡ ଦେଖି ଘୃଣା କରୁଥିବା ନିଶିକାନ୍ତ କିନ୍ତୁ ଦିନେ ସେହି ଡକ୍ଟରଙ୍କ ଦ୍ୱାରସ୍ଥ ହୋଇ ଲାଇନ ଲଗେଇବ ଜାଣିନଥିଲା ନିଜେ। ଡାକ୍ତର ଅଭିପ୍ସାଙ୍କୁ ଦେଖୁ ଦେଖୁ ଚମକି ପଡିଥିଲା ନିଶିକାନ୍ତ। ତଥାପି ସ୍ଥାନ କାଳ ପାତ୍ରର ମର୍ଯ୍ୟଦା ରଖି ତା ପାଳି ପଡିବା ଯାଏଁ ଅପେକ୍ଷା କଲା ନିଶିକାନ୍ତ। ତାକୁ ଦେଖି ଡକ୍ଟର ଦୁଇ ଚାରୋଟି ପ୍ରଶ୍ନ ପଚାରିଥିଲେ କେବଳ। ତାହା ଥିଲା ବୟସ, ଶିକ୍ଷା, ଯୋଗ୍ୟତା ସହ ଇଛା। ସବୁ ସ୍ପଷ୍ଟ ଶୁଣି ସାରିଲା ପରେ ଅଭିପ୍ସା ଦେବୀ କହିଉଠିଥିଲେ ଚମତ୍କାର। ଆପଣ ନିଶ୍ଚୟ ଅଧା ଦେଖା ସ୍ୱପ୍ନ ଦେଖାକୁ ପୁରା କରିବାକୁ ଚାହିଁ ଆସିଛନ୍ତି ମୋ ପାଖକୁ। ରାତିରେ ଠିକ ବାରଟା ପରେ କେହି ଜଣେ କରାଘାତ କରେ ଆପଣଙ୍କ କବାଟରେ। ଶୁଭେ ଠକ ଠକ ଠକ। ଆଉ ଆପଣ ଜାଣିବାକୁ ଚାହାଁନ୍ତି କିଏ ସେହି ଛାୟା। କାହାର ସେ ପାଉଁଜି ସ୍ୱର, କାହାର ସେ ଛମ ଛମ ପାଦ। ଠିକ କହୁଛି ନା ନିଶିକାନ୍ତ ! ଚମକି ପଡିଲା ନିଶିକାନ୍ତ। ଭାବିଲା ସ୍ୱପ୍ନ ଥେରାପି ସହ ଏ ନାରୀ କଣ ମନସ୍ତତ୍ତ୍ୱବିତ ନା କଣ ! ସେ କେମିତି ଜାଣିଲେ ନିଶିକାନ୍ତ ତାଙ୍କ ସ୍ୱପ୍ନର ନାୟିକାଙ୍କୁ ଖୋଜିବୁଲୁଛନ୍ତି। ଖାଲି ସ୍ୱପ୍ନରେ ନୁହେଁ, ବରଂ ମରମ ତଳେ ଅତୀତ ଯେ ମରେନା। ସେଇ ତନୁପାତେଳି କ୍ଲାସମେଟ ଝିଅଟା। ଯାହାଠୁ ନୋଟ କରିବା ବାହାନରେ ରଫ ଖାତା ନେଇ ଫେରେଇଲା ବେଳେ ସେ ନିଜ ମନକଥା ଲେଖିଦେଇଥିଲେ ତା ଖାତାରେ କିନ୍ତୁ ଅନେକ ଦିନ ପରେ ରୁନୁ ଠାରୁ କିଛି ଉତ୍ତର ନପାଇ ବାଧ ହୋଇ ପଚାରିଥିଲେ ଗୋଟେ ନିରୋଳା ମୁହୂର୍ତ୍ତରେ ରୁନୁକୁ, ପଢ଼ିଲ ମୁଁ ଯାହା ଲେଖିଥିଲି। ଝିଅଟି ଆଶ୍ଚର୍ଯ୍ୟ ହୋଇ କହିଥିଲା କଣ ପଢିଥାନ୍ତି, କୋଉଠୁ? ତୁମ ରଫ ଖାତାରୁ, ମୁଁ ଯାହା ଲେଖିଥିଲି ଫେରେଇଲା ବେଳେ। କଣ ଲେଖିଥିଲ ? ଇତିହାସ, ଭୂଗୋଳ, ସାହିତ୍ୟ ନା ଗଣିତ ସୂତ୍ର ! ମୁଁ ତ ତାକୁ ସୁନୁପାମ୍ପୁଡ଼ି ବାଲାକୁ ଦେଇସାରିଛି। ନିଶିକାନ୍ତ କହିବାକୁ ଯାଇ କହିପାରିନଥିଲା କ'ଣ କଲ ତୁମେ। ଇତିହାସ, ଭୂଗୋଳ, ସାହିତ୍ୟ, ବିଜ୍ଞାନ ସହିତ ଗଣିତ ସୂତ୍ର ଫେଣ୍ଟି ମୁଁ ଲେଖିଥିଲି ଆଇ ଲଭ ୟୁ। ହେଲେ ଉଚ୍ଚାରିତ ତିନି ଶବ୍ଦ ନିଜ ହୃଦୟରେ ରହିଗଲା ପଛେ କହିହୋଇନଥିଲା ରୁନୁକୁ କେବେ ନା ନିରୋଳାରେ ନା ଗହଳିରେ। ବାପାଙ୍କ ବଦଳି ସହ ନବମ ଶ୍ରେଣୀ ପ୍ରେମକୁ ସେଇଠି ସେମିତି ଆଧାରେ ଛାଡି ଉଚ୍ଚଶିକ୍ଷା ପରେ ରୁନୁ ସନ୍ଧାନରେ ଅନେକ ଘୁରି ଥିଲେ ବି ତାର ପତ୍ତା ନଥିଲା। ଶୂନ୍ୟରେ ମିଳାଇ ଯାଇଥିଲା ଯେମିତି ସେ। ସେହିଦିନ ରାତିରେ କିନ୍ତୁ ସ୍ୱପ୍ନରେ ରୁନୁର ଛାୟା ସ୍ପଷ୍ଟ ହେଲା। ହେଲେ ଏ ତ ଡକ୍ଟର ଅଭିପ୍ସା ବାନାର୍ଜି। ହଁ ବିଧବା ଅଭିପ୍ସା ମୁଣ୍ଡରେ ଯଦି ଟିକିଲି ବା ନାଲି ସିନ୍ଦୁର ପିନ୍ଧେଇ ଦିଆଯାଇପାରନ୍ତା ସେ ଟିକିଲି ନାଇ ଠିକ ରୁନୁ ପରି ଓ ସିନ୍ଦୁର ନାଇ ଠିକ ପରିଣିତା ବଧୂ ବେଶରେ ଅଭିପ୍ସା ପରି ଦେଖାଯାଉଥାଆନ୍ତା। ହଁ ଠିକ ଅଭିପ୍ସା ବାନାର୍ଜି ଭଳି। ଆରେ ଏତ ସେହି ସ୍ୱପ୍ନର ଛାୟା ସୁନ୍ଦରୀ। ଯିଏ ପ୍ରତିଦିନ ସ୍ୱପନେ ଆସି ଗୋପନେ ଯାଏ। ଏଣିକି ତେଣିକି ଯୁଆଡେ ଦେଖିଲେ ଅଭିପ୍ସା ଦେଖାଯାଉଥିଲେ। ରାତି ଥାଉ ଥାଉ ଉଠି ନିଶିକାନ୍ତ ନିତ୍ୟକର୍ମ ବଢ଼େଇ ଦୌଡୁଥିଲା ଅଭିପ୍ସା ବାନାର୍ଜି ଦୁଆର ବାଡେଇବାକୁ ହେଲେ ଅଭିପ୍ସା ତ ଅଭିପ୍ସା ସାଇନବୋର୍ଡ ବି ନଥିଲା ଦୁଆରେ।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ଚାନ୍ଦା

ସୁଦର୍ଶନ ମହାପାତ୍ର



ମୋଟା କଳା ନିଶ ଆଉ ଡିମା ଡିମା ଆଖି ହଲେ ନେଇ ଦୁଇ ଜଣ ଲୋକ ମୋ ସାମ୍ନାରେ ଠିଆ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଟଖା ଖାଇ ପାଟି ଚାକୁଳି କରୁଥିଲା। ସେଇ ଅନୁସାରେ ତା'ର ନିଶ ଉପର ତଳ ହେଉଥାଏ। ଆଉ ଜଣେ ଠିଆ ହୋଇଥିଲା ଦୁଇ ପକେଟରେ ହାତ ପୁରାଇ... ହିରୋ ଷ୍ଟାଇଲରେ।

ଜଣା ପଡୁନଥିଲା ଯେ ସେମାନଙ୍କର କିଛି ଅଭାବ ଅଛି। ଅଥଚ ସେମାନଙ୍କ ଦୃଷ୍ଟିରେ ଥିଲା ମାଗିବାର ଝଲକ।

-'ଆମେ ଯୁବ ବିକାଶ କ୍ଲବରୁ ଆସିଛୁ। ଗଣେଶ ପୂଜା ପାଇଁ ତିନି ଶହ ଟଙ୍କା ଚାନ୍ଦା ଦେବେ।' କହିଲା ଗୁଟଖା ଖାଉଥିବା ଲୋକଟି ।

-'ଗଣେଶ ପୂଜା ପାଇଁ କେବେ ତ ଚାନ୍ଦା ଆଦାୟ ହୁଏନା।' ବିରକ୍ତ ଭାବ ନେଇ କହିଲି।

-'ଖାଲି ଆପଣ ନୁହଁନ୍ତି ମ..! ସମସ୍ତେ ଦେଉଛନ୍ତି। କ୍ଲବର କର୍ମକର୍ତ୍ତାଙ୍କର ନିଷ୍ପତ୍ତି ଏଇଟା।' କହିଲା ଆରଜଣକ।

-' ବର୍ଷକୁ କେତେ ପ୍ରକାରର ଚାନ୍ଦା ଦେବ ମଣିଷ ଏବେ ମୋ ପାଖରେ ପଇସା ନାହିଁ। ତୁମେ ମାନେ ଯାଅ।' କବାଟ ବନ୍ଦକଲି ସଶବ୍ଦରେ।

ପରଦିନ ସନ୍ଧ୍ୟାକୁ ପୁଣି ସେଇ ଦୁଇଜଣ ଆସି ପହଁଚିଲେ।

-'ଆପଣ କହିଥିଲେ ପଇସା ଦେବେ ବୋଲି। ଦିଅନ୍ତୁ ଶୀଘ୍ର।'

-'ମୁଁ ତ କହିନଥିଲି ଦେବି ବୋଲି।'

-'ହେଲେ ଦେବେ ନାହିଁ ବୋଲି କହିଥିଲେ କି? କୁହନ୍ତୁ କହିଥିଲେ କି ? ଶୀଘ୍ର ଆଣି ଦିଅନ୍ତୁ। ଆମର ଆହୁରି କେତେ ଘରକୁ ଯିବାର ଅଛି।'

-'ମୁଁ ଦେଇ ପାରିବି ନାହିଁ। ମୋର ଏତେ ରୋଜଗାର ନାହିଁ ଯେ ହଜାର ପ୍ରକାର ଚାନ୍ଦା ଦେଇ ପାରିବି।' ରାଗିକି କହିଲି।

-'ଆମେ କ'ଣ ଆପଣଙ୍କ ଚାକର? କାଲି ଆସିଥିଲୁ। ଆଜି ପୁଣି ଆସିଲୁ। ଯାହା ଦେବା କଥା ଶୀଘ୍ର ଦିଅନ୍ତୁ। ଆଉ ଆସି ପାରିବୁ ନାହିଁ।'

-'କହିଲି ପରା ଚାନ୍ଦା ଦେଇ ପାରିବି ନାହିଁ। ଏଠିକି ଆସିବା ଆଉ ଦରକାର ନାହିଁ। ଏବେ ଆସି ପାରନ୍ତି।' କବାଟ ବନ୍ଦ କରିବାର ଉପକ୍ରମ କଲି ତ 'ଆଚ୍ଛା ହଉ' କହି ସେମାନେ ଚାଲିଗଲେ ।

ଏ ଘଟଣାର କିଛି ଦିନ ଉତ୍ତାରୁ ଦେଖିଲି ଆମ ଘର ସାମ୍ନା ପାହାଚରେ ମଲା କୁକୁରଟିଏ ପଡ଼ିଛି। ତା' ତଣ୍ଟିରୁ ରକ୍ତ ବୋହି ଶୁଖି ଯାଇଛି। ଫୁଲି ଆସିଲାଣି ତା ସର୍ବାଙ୍ଗ ଶରୀର। ଗେଟ୍ ତ ଖୋଲା ନଥିଲା ! ପାହାଚ ପାଖରେ କେମିତି ଆସି ପହଞ୍ଚିଲା ଏଇଟା ? ମନରେ ଆସୁଥିବା ପ୍ରଶ୍ନ ପ୍ରତି ଧ୍ୟାନ ଦେବାର ଏ ସମୟ ନୁହେଁ ବୁଝି, ମ୍ୟୁନିସିପାଲଟି ଅଫିସକୁ ଫୋନ୍ କରି ଏ ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ କଲି।

ଫୋନ୍ କରିବାର ପନ୍ଦର ମିନିଟ ଭିତରେ ଆମ ଗେଟ୍ ପାଖରେ ପହଞ୍ଚିଲା ବାଇକ୍ ଟିଏ। ଗେଟ୍ ଖୋଲି ଦୁଇଜଣ ଲୋକ ଘର ପର୍ଯ୍ୟନ୍ତ ଆସିଲେ।

-'ଇସ୍, କୁକୁର ଏଇଠି ମରି ପଡ଼ିଛି। ଫୁଲି ଦୁର୍ଗନ୍ଧ ଛାଡିଲାଣି। ହଉ ଗୋଟିଏ ଅଖା ଦିଅନ୍ତୁ। ଆଉ ଫିନାଇଲ୍ ବୋତଲଟା..।' କହିଲା ଜଣେ।

-'ହଁ, ପାଞ୍ଚ ଶହ ଟଙ୍କା ଦେବେ ଏ କାମ ପାଇଁ।' ଆର ଜଣକ ଯେମିତି ସତର୍କ ବାଣୀ ଶୁଣାଇଲା।

-'ଏତିକି ଟିକିଏ କାମ କରିବା ପାଇଁ ପାଞ୍ଚ ଶହ ଟଙ୍କା ?' ମୁଁ ଅଶାନ୍ତି ହେଲା ଭଳି କହିଲି।

-'ତାହା ହେଲେ ଡାକୁଥିଲେ କାହିଁକି? ଗାଡ଼ିରେ ତେଲ ପୋଡି ଆମେ ଏତେ ବାଟ ଆସିଲୁ। ହଉ ଆପଣ, ନିଜେ ଆପଣଙ୍କ ଜାଗା ପରିଷ୍କାର କରନ୍ତୁ। ଆମର ଯିବା ଆସିବା ଖର୍ଚ୍ଚ ପାଇଁ ଦୁଇ ଶହ ଟଙ୍କା ଦିଅନ୍ତୁ। ଆମେ ଚାଲିଯିବୁ ।'

ସେତିକି ବେଳକୁ ନାକରେ ଲୁଗା ଦେଇ ସେମାନଙ୍କର ଆବଶ୍ୟକତା ଅନୁସାରେ ସବୁ ଜିନିଷ ଆଣି ପହଞ୍ଚିଲେ ପତ୍ନୀ। 'ଶୀଘ୍ର ସେଇଟାକୁ ହଟାଅ; ଗନ୍ଧରେ ରହି ହେଉନାହିଁ' ବୋଲି ନିଜର ଅଶାନ୍ତି ବ୍ୟକ୍ତ କଲେ । ମୁଁ ନାଚାର।

ସେମାନେ ଆଗ ପାଞ୍ଚଶହ ଟଙ୍କା ନୋଟଟିକୁ ଉଠାଇଲେ। ତାପରେ ଅଖାରେ କୁକୁରଟାକୁ ନେଇ ବାହାରେ କେଉଁଠି ଫୋପାଡି ଦଶ ମିନିଟ୍ ଭିତରେ ଫେରି ଆସିଲେ। ଫିନାଇଲ୍ ବୋତଲରୁ ଅଧା ପ୍ରାୟ ମଲା କୁକୁର ପଡ଼ିଥିବା ଜାଗାରେ ଢାଳିଦେଇ ଯିବାକୁ ବାହାରିଲେ।

-'ଆରେ ଏ ତ ଅଜବ କଥା। ଜାଗାଟାକୁ ପରିଷ୍କାର କଲନାହିଁ ଯେ..!'

-'ଆପଣ ବଡ଼ ଅଜବ ଲୋକ। ଅଳ୍ପ ପଇସାରେ ବେଶି କାମ ଉଠାଇବାରେ ବଡ଼ ସଉକ ରଖିଛନ୍ତି।'

ସେମାନେ ଚଢ଼ା ଗଳା କରି ଆହୁରି ଦୁଇ ପଦ କ'ଣ ସବୁ ମୋତେ ଶୁଣାଇ ଦେଇ ବାହାରିଗଲେ। ମୋର କାହିଁକି ମନେ ହେଲା ମୁଣ୍ଡରେ ଗାମୁଛା ବାନ୍ଧି ଏବେ ଏଇ ଯେଉଁ ଦୁଇଜଣ ଆସି ମଲା କୁକୁର ଉଠାଇଗଲେ, ସେମାନଙ୍କୁ ଆଗରୁ କେଉଁଠି ଦେଖିଛି ବୋଲି।

ମନେ ପଡିଲା। ସେଇ ଯେଉଁ ଦୁଇ ଜଣ ଚାନ୍ଦା ମାଗିବାକୁ ଆସିଥିଲେ, ଏମାନେ ସେଇ ଲୋକ। ତାଙ୍କରି ସାଦୃଶ୍ୟ ତ !

ମୁଁ ତାଜୁବ ହୋଇ ଚାହିଁ ରହିଥିଲି ସେମାନଙ୍କ ଯିବା ବାଟକୁ..!

ଟିକିଏ ପରେ ମ୍ୟୁନିସିପାଲଟି ଗାଡି ଆସି ଘର ପାଖରେ ପହଞ୍ଚିଲା ତ ମୋର ସବୁ ସନ୍ଦେହର ଅବସାନ ଘଟିଲା।

ଯେ କୌଣସି ବାଟରେ ଯେ ସେମାନେ ଚାନ୍ଦା ଆଦାୟରେ ମାହିର ମୋତେ ବୁଝାଇ ଦେଇଗଲେ..!!!

କୁଞ୍ଜବିହାରୀ ଲେନ
କଟକ

# ଅଭିମନ୍ୟୁଙ୍କ ବଧ ପୂର୍ବ ନିର୍ଦ୍ଧାରିତ

ସନ୍ତୋଷ ମିଶ୍ର

ଅର୍ଜୁନ ଓ ସୁଭଦ୍ରାଙ୍କ ପୁତ୍ର ତଥା ଶ୍ରୀକୃଷ୍ଣଙ୍କ ଭଣଜା ଥିଲେ ଅଭିମନ୍ୟୁ। ଶ୍ରୀକୃଷ୍ଣହିଁ ସ୍ୱୟଂ ନାରାୟଣଙ୍କ ଅବତାର। ଅବତାର ସମୟରେ ସହାୟତା ପାଇଁ ଦେବତା ମାନେ ବିଭିନ୍ନ ରୂପରେ ଜନ୍ମ ନିଅନ୍ତି। ସେଥିପାଇଁ ଚନ୍ଦ୍ରଦେବ ଧରାବତରଣ କରିବେ କି ନାହିଁ ପଚାରନ୍ତେ ସେ କହିଲେ - ହଁ, କରିବି। ମାତ୍ର ଗୋଟିଏ ସର୍ତ୍ତରେ। ଯଦି ଠିକ୍ ବାର ବର୍ଷ ପରେ ମୋତେ ମର୍ତ୍ତ୍ୟରୁ ସ୍ୱର୍ଗକୁ ଫେରାଇ ଅଣାଯାଇ ପାରିବ। ଶ୍ରୀନାରାୟଣ ଚନ୍ଦ୍ରଙ୍କ ପ୍ରସ୍ତାବରେ ସ୍ୱୀକୃତି ପ୍ରଦାନ କରିବାରୁ ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁ ରୂପରେ ଜନ୍ମ ନେଲେ ଚନ୍ଦ୍ର।

କାଳକ୍ରମେ ସଙ୍ଗଠିତ ହେଲା ମହାଭାରତ ଯୁଦ୍ଧ। ଦଶ ଦିନ ଅତିକ୍ରାନ୍ତ ହେବାପରେ ଭୀଷ୍ମ ଶରଶଯ୍ୟାରେ ଶାୟିତ ହେଲେ। କୌରବ ସେନାର ସେନାପତି ହେଲେ ଦ୍ରୋଣ। ତିନିଦିନ ପରେ ଦ୍ରୋଣଙ୍କୁ ଦେଖାକରି ଦୁର୍ଯ୍ୟୋଧନ କହିଲେ - ଗୁରୁଦେବ ! ତିନି ଦିନ ପରେ ବି ସ୍ଥିତିର କିଛି ପରିବର୍ତ୍ତନ ହେଲାନି। ଲାଗୁଚି ପାଣ୍ଡବ ମାନଙ୍କ ପ୍ରତି ଦୁର୍ବଳତା କାରଣରୁ ଆପଣ ସେମାନଙ୍କ ବିନାଶ ଚାହୁଁ ନାହାନ୍ତି। ସେଥିପାଇଁ ଯୁଦ୍ଧରେ ଶିଥିଳତା ସ୍ପଷ୍ଟ ବାରି ହୋଇପଡୁଛି। ଦ୍ରୋଣ ସାମାନ୍ୟ ବିରକ୍ତ ହୋଇ କହିଲେ - ଦୁର୍ଯ୍ୟୋଧନ, ତମେ ଅଧର୍ମରେ ଅଛ ଜାଣି ସୁଦ୍ଧା ମୁଁ ତମ ସପକ୍ଷରେ ଯୁଦ୍ଧ କରୁଛି। ତମର ମନେ ରଖିବା ଉଚିତ, ପାଣ୍ଡବମାନଙ୍କ ମଧ୍ୟରେ ଅଛନ୍ତି ମୋର ପ୍ରିୟ ଶିଷ୍ୟ ଅର୍ଜୁନ। ଦୁର୍ଜ୍ଜୟ , ଅପରାଜେୟ। କାଲି ମୁଁ ଚକ୍ରବ୍ୟୂହ ରଚନା କରିବି। କୌଣସି ଉପାୟରେ ଯଦି ଅର୍ଜୁନଙ୍କୁ ବହୁ ଦୂରକୁ ନେଇ ଯାଇ ପାରିବ, ତାହେଲେ ତମର ବିଜୟ ସୁନିଶ୍ଚିତ।

ବହୁ ଭାବି ଚିନ୍ତି ଦୁର୍ଯ୍ୟୋଧନ ବନ୍ଧୁ ମାୟାସୁରର ସାହାଯ୍ୟ ଭିକ୍ଷା କଲା । ମାୟାସୁର କହିଲା - ଠିକ୍ ଅଛି ବନ୍ଧୁ! ତୁମର ଉଦ୍ଦେଶ୍ୟ ସାଧନ ପାଇଁ କାଲି ମୁଁ ଜଳନ୍ଧର ବ୍ୟୂହ ରଚନା କରିବି। ଗୋଟିଏ ଦିନରେ ଦୁଇ ପ୍ରକାର ବ୍ୟୂହ ରଚନା ହେଉଥିବା କଥା ପାଣ୍ଡବ ଶିବିରରେ ପ୍ରଚାର ହୋଇ ଗଲା।

ସେଦିନ ରାତିରେ ଲଞ୍ଜାତାରା ଭୂପୃଷ୍ଠରେ ପତିତ ହେବା ଦେଖି ଶ୍ରୀକୃଷ୍ଣ ପାଖରେ ଥିବା ସହଦେବଙ୍କୁ କାରଣ ସମ୍ପର୍କରେ ପଚାରିଲେ। ସହଦେବ କହିଲେ - ମହା ବିପଦ ! ରୋହିଣୀ ଆସୁଛନ୍ତି ଅଭିମନ୍ୟୁଙ୍କୁ ନେଇ ଯିବା ପାଇଁ। ଆପଣ ହିଁ କେବଳ ଏହି ବିପଦ ସମୟରେ ସହାୟ ହୋଇ ପାରିବେ। ଶ୍ରୀକୃଷ୍ଣ କହିଲେ - ଯାହା ବିଧି ନିର୍ଦ୍ଦିଷ୍ଟ ତାହା ଅବଶ୍ୟ ଘଟିବ।

ସକାଳେ ଅର୍ଜୁନଙ୍କୁ ଧରି ଶ୍ରୀକୃଷ୍ଣ ଚାଲିଗଲେ ମାୟାସୁରର ଜଳନ୍ଧର ଚକ୍ରବ୍ୟୂହ ଭେଦ କରିବା ପାଇଁ।

ଦ୍ରୋଣଙ୍କ ରଚିତ ଚକ୍ରବ୍ୟୂହ କେହି ଭେଦ କରି ପାରିଲେ ନାହିଁ। ବାରବର୍ଷର ବାଳକ ଅଭିମନ୍ୟୁ କହିଲେ - ଚକ୍ରବ୍ୟୂହ ମଧ୍ୟକୁ ମୁଁ ପ୍ରବେଶ କରି ପାରିବି। ମାତ୍ର ଫେରି ଆସିବା ବିଦ୍ୟା ମୋତେ ଜଣାନାହିଁ। ପାଣ୍ଡବ ଚାରି ଭାଇ ଭାବିଲେ ଅଭିମନ୍ୟୁଙ୍କ ପଛେ ପଛେ ସେମାନେ ବ୍ୟୂହ ମଧ୍ୟକୁ ପ୍ରବେଶ କରିଯିବେ। ତେଣୁ ଜ୍ୟେଷ୍ଠ ପିତା ଯୁଧିଷ୍ଠିର ବ୍ୟୂହ ଭେଦ କରିବା ପାଇଁ ଅଭିମନ୍ୟୁଙ୍କୁ ଅନୁମତି ଦେଲେ। କିନ୍ତୁ ଆଉ କେହି ତାଙ୍କ ସହିତ ବ୍ୟୂହ ଭିତରକୁ ଯାଇ ପାରିଲେ ନାହିଁ। ଏକାକୀ ଅଭିମନ୍ୟୁ ବୀରତ୍ୱର ସହିତ ଯୁଦ୍ଧ କଲେ। ଶେଷରେ ସପ୍ତରଥି ମିଶି ନିରସ୍ତ୍ର ଅଭିମନ୍ୟୁଙ୍କୁ ହତ୍ୟା କଲେ। ଚନ୍ଦ୍ରଦେବ ମୁକ୍ତି ପାଇ ସ୍ୱର୍ଗଧାମକୁ ଫେରିଗଲେ !!!!





ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ : କ୍ରୀଡ଼ା ମନ୍ତ୍ରୀ



**ନୂଆଦିଲ୍ଲୀ**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବା ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡ଼ା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି। ସୂଚନା ମିଳିଛି ଯେ, କାନାଡ଼ା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ।

ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ। ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ ଆୟୋଜନରୁ ପଛଘୁଞ୍ଚା ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ୍ ଦିଆଯାଇଛି।

# ଦିଲ୍ଲୀର ବିଜୟ ଯାତ୍ରା ଜାରି : ୬ ୱିକେଟରେ ହାରିଲା ବେଙ୍ଗାଲୁରୁ

**ହାଇଦ୍ରାବାଦ**

କେଏଲ ରାହୁଲଙ୍କ ଲଢୁଆ ଦମ୍‌ଦାର ଇନିଂସ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍ ୨୦୨୫ର ୨୪ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟ୍‌ରେ ହରାଇଛି। ଏଥିସହ ଚଳିତ ସିଜିନରେ ଦିଲ୍ଲୀ କ୍ୟାପିଟାଲ୍ସର ବିଜୟ ଅଭିଯାନ ଜାରି ରହିଛି। ୪ଟି ମ୍ୟାଚ୍‌ରେ ୪ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ଦିଲ୍ଲୀ। ଅନ୍ୟପଟେ ନିଜର ପଞ୍ଚମ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଭୋଗି ତୃତୀୟ ସ୍ଥାନରେ ରହିଛି ବେଙ୍ଗାଲୁରୁ। ଆରସିବି ଦ୍ୱାରା ଧାର୍ଯ୍ୟ ୧୬୪ ରନର ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ୧୭.୫ ଓଭରରେ ୪ ୱିକେଟ୍ ହରାଇ ସହଜରେ ହାସଲ କରି ନେଇଥିଲା। କେଏଲ ରାହୁଲ ୯୩ ରନର ଅପରାଜିତ ଇନିଂସ ଖେଳି ଦଳକୁ ନିଜ ଦମ୍‌ରେ ଜିତାଇଛନ୍ତି। ଟ୍ରିଷ୍ଟାନ ଷ୍ଟବ୍ସ ୩୮ ରନ କରି କେଏଲଙ୍କୁ ଉତ୍ତମ ସହଯୋଗ କରିଛନ୍ତି। ଚଳିତ ସିଜିନରେ ଆରସିବି ନିଜର ଘରୋଇ ମଇଦାନରେ ଦ୍ୱିତୀୟ ପରାଜୟ ଭୋଗିଛି।

ପ୍ରଥମେ ବ୍ୟାଟିଂ କରି ଆରସିବି ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା। ଓପନିଂ ଯୋଡ଼ି ଫିଲ୍ସ ସଲ୍ଟ ଏବଂ ବିରାଟ କୋହଲି ଦୃଢ଼ ଆରମ୍ଭ କରିଥିଲେ। ସଲ୍ଟ ମାତ୍ର ୧୭ଟି ବଲ୍ ଖେଳି ୩୭ ରନ୍ କରି ରନ୍ ଆଉଟ୍ ହୋଇଥିଲେ। ଏଥିରେ ୪ ଚୌକା ଓ ୩ ଛକା



ରହିଛି। ପରେ ଦେବଦତ୍ତ ପାଡିକ୍କଲ ୮ ବଲ୍‌ରେ କେବଳ ଗୋଟିଏ ରନ୍ କରି ମୁକେଶ କୁମାରଙ୍କ ଶିକାର ହୋଇଥିଲେ। ଏହାପରେ ବିରାଟ୍ କୋହଲି ୧୪ ବଲ୍‌ରେ ୨୨ ରନ୍ କରି ଡଗଆଉଟ୍ ଫେରିଥିଲେ। ଲିଆମ୍ ଲିଭିଙ୍ଗଷ୍ଟନ ଜିତେଶ ଶର୍ମା ମଧ୍ୟ ସେତେଟା ଖାସ୍ କିଛି କରିପାରିନଥିଲେ। ଅଧିନାୟକ ରଜତ୍ ପାଟୀଦାର ୨୩ ବଲରେ ମାତ୍ର ୨୫ ରନ କରିବାରେ ସକ୍ଷମ ହୋଇଥିଲେ। ଶେଷ ଓଭରେ ଟିମ୍ ଡେଭିଡ୍ ୨୦ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୧୬୩ ପର୍ଯ୍ୟନ୍ତ ନେଇପାରିଥିଲେ।

## ରାଜସ୍ଥାନ ଅଧିନାୟକଙ୍କୁ ଜରିମାନା

**ଅହମଦାବାଦ**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇ ଥିଲା। ଗୁଜରାଟ ଏହି ମ୍ୟାଚ ୫୮ ରନରେ ଜିତି ନେଇଥିଲା। ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇ ଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

# ଧୋନୀଙ୍କୁ ପୁଣି ଅଧିନାୟକ କଲା ସିଏସକେ

**ଚେନ୍ନାଇ**



ଆଇପିଏଲ ୨୦୨୫ ମଝିରେ ଚେନ୍ନାଇ ସୁପର କିଙ୍ଗସକୁ ଏକ ବଡ଼ ଝଟ୍‌କା ଲାଗିଛି। ଦଳର ଅଧିନାୟକ ଋତୁରାଜ ଗାୟକ୍ୱାଡ ଆହତ ହୋଇଛନ୍ତି। ଗାୟକ୍ୱାଡ ଆଘାତ ଏତେ ଗମ୍ଭୀର ଯେ, ସେ ଏହି ସିଜିନରେ ଖେଳିପାରିବେ ନାହିଁ। ଗାୟକ୍ୱାଡଙ୍କ କହୁଣୀରେ ଆଘାତ ଲାଗିଛି। ଏ ସମ୍ପର୍କରେ, ଚେନ୍ନାଇ ସୁପର କିଙ୍ଗ୍ସ ଏକ୍ସ ମାଧ୍ୟମରେ ଏକ ଅପଡେଟ୍ ଶେୟାର କରିଛି।

ସିଏସକେ ପୁଣିଥରେ ଅଭିଜ୍ଞ ୱିକେଟକିପର ବ୍ୟାଟ୍‌ସମ୍ୟାନ ମହେନ୍ଦ୍ର ସିଂହ ଧୋନୀଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିଛି। ଧୋନୀଙ୍କ ଅଧିନାୟକତ୍ୱରେ, ସିଏସକେ ମୋଟ ପାଞ୍ଚ ଥର ଓଟଖ ଟାଇଟଲ ଜିତିଛି। ଚେନ୍ନାଇ ୨୦୧୦, ୨୦୧୧, ୨୦୧୮, ୨୦୨୧ ଏବଂ ୨୦୨୩ରେ ଆଇପିଏଲ ଟ୍ରଫି ଜିତିଥିଲା। ଧୋନୀ ୨୦୨୨ ସିଜିନରେ ରବିନ୍ଦ୍ର ଜାଡ଼େଜାଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କିନ୍ତୁ ସିଜିନ୍ ମଝିରେ ଜାଡ଼େଜା ଅଧିନାୟକ ପଦ ଛାଡିଦେଲେ ଏବଂ ଧୋନୀଙ୍କୁ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିଲା। ଏହା ପରେ, ୨୦୨୪ରେ ଗାୟକ୍ୱାଡଙ୍କୁ ଅଧିନାୟକ କରାଯାଇଥିଲା।

ଗାୟକ୍ୱାଡ ଆଇପିଏଲ ୨୦୨୫ରେ ଚେନ୍ନାଇ ପାଇଁ ପାଞ୍ଚଟି ମ୍ୟାଚ୍ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଗାୟକ୍ୱାଡ ୩ଟି ମ୍ୟାଚ୍‌ରେ କିଛି ବିଶେଷ କରିପାରି ନ ଥିଲେ। ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୫୩ ରନର ଏକ ଇନିଂସ ଖେଳିଥିଲେ। କିନ୍ତୁ ଏବେ ଗାୟକ୍ୱାଡ୍ ଆହତ ହୋଇଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଏହି ସିଜିନରେ ଏପର୍ଯ୍ୟନ୍ତ ପାଞ୍ଚଟି ମ୍ୟାଚ ଖେଳିଛି। ଦଳ କେବଳ ଗୋଟିଏ ମ୍ୟାଚ ଜିତିଛି ଏବଂ ୪ଟିରେ ହାରିଛି। ସିଏସକେ ବର୍ତ୍ତମାନ ପଏଣ୍ଟ ଟେବୁଲରେ ନବମ ସ୍ଥାନରେ ଅଛି। ଚେନ୍ନାଇକୁ ଆରସିବି, ରାଜସ୍ଥାନ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ପରାସ୍ତ କରିଥିଲେ।

# କଟକ 'ଏ'କୁ ହରାଇ କଳାହାଣ୍ଡି କପ୍ ଜିତିଲା ସୁନ୍ଦରଗଡ଼



**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ଆୟୋଜିତ ଆନ୍ତଃଜିଲା ବରିଷ୍ଠ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ଚାମ୍ପିଆନ୍ ହୋଇଛି ସୁନ୍ଦରଗଡ଼। ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇ ଥିବା ଫାଇନାଲରେ ପୂର୍ବ ଚାମ୍ପିଅନ କଟକ 'ଏ'କୁ ୪ ୱିକେଟ୍‌ରେ ସୁନ୍ଦରଗଡ଼ ପରାସ୍ତ କରିଛି। ସୁନ୍ଦରଗଡ଼ ବୋଲରଙ୍କ ସଫଳତା ଯୋଗୁଁ କଟକ 'ଏ' ୪୫.୨ ଓଭରରେ ୧୩୨ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ପରେ ୩୧.୪ ଓଭରରେ ୬ ୱିକେଟ୍ ହରାଇ ସୁନ୍ଦରଗଡ଼ ବିଜୟୀ ହୋଇଥିଲା। ଟସ୍ ଜିତି କଟକ 'ଏ' ବ୍ୟାଟିଂକରି ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା। କଟକ 'ଏ'ର ସମ୍ବିତ କୁମାର ବେଜ ୪୪ ବଲ୍‌ରୁ ସର୍ବାଧିକ ୪୭ ରନ୍ କରିଥିଲେ। ଅମିନ୍ ଖାଁ ୧୭, ଅଧିନାୟକ ବିକ୍ରମ ସାମଲ ୧୫ ଓ ପ୍ରିନ୍‌ସ ବେହେରା ୧୦ ରନ୍ କରିଥିଲେ। ସୁନ୍ଦରଗଡ଼ର ସାହିଲ ପ୍ରସାଦ ୩ଟି ଏବଂ ୱାଲ୍‌ଟର ଟପ୍ପୋ ଓ ଅମିତ ଦାସ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୩୩ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ପାଇଁ ସୌମ୍ୟରଞ୍ଜନ ଲେଙ୍କା ୨୪ ବଲ୍‌ରୁ ୨ଟି ଛକା ଓ ୪ଟି ଚୌକା ସହ ସର୍ବାଧିକ ୩୩ ରନ୍ କରିଥିଲେ। ଆଦିତ୍ୟ ଆନନ୍ଦ ୨୬, ୱାଲ୍‌ଟର ଟପ୍ପୋ ୨୧ ଏବଂ ଅଙ୍କିତ ସିଂହ ଓ ଉମେଶ ଗୌତମ ୧୩ ରନ୍ ଲେଖାଏଁ କରିଥିଲେ। କଟକ 'ଏ'ର ବିଶ୍ୱଜିତ ମହାପାତ୍ର ୪ଟି ୱିକେଟ୍ ନେଇଥିଲେ। ସୁନ୍ଦରଗଡ଼ର ସାହିଲ ପ୍ରସାଦ ପ୍ଲେୟର ଅଫ୍ ଦି ଫାଇନାଲ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ଥିଲେ। ଚାମ୍ପିଅନ୍ ସୁନ୍ଦରଗଡ଼ ଦଳକୁ ୨ ଲକ୍ଷ ଓ ରନର୍ସଅପ୍ କଟକ 'ଏ' ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଓସିଏ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ, ଶିବବ୍ରତ ମଲ୍ଲିକ, ଅମିତ ବେହେରା, ନିର୍ବାଣ ରାୟ, ସନ୍ତୋଷ ଦାସ, ତଡ଼ିତ ରାଉତ, ଗୌତମ ଗଜପତି, ନୃସିଂହ ଚରଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ପୁଲିସ ହକି: ୟୁପିଠାରୁ ହାରିଲା ଓଡ଼ିଶା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପୁଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମ ହକି କମ୍ପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଆନସିପ୍‌ରେ ବୁଧବାର ୭ଟି ମ୍ୟାଚ୍ ଖେଳାଯାଇ ଥିଲା। ଏଥିରେ ଉତ୍ତରାଖଣ୍ଡ ପୁଲିସ, ଆଇଟିବିପି, ମଣିପୁର ପୁଲିସ ଓ ପଶ୍ଚିମବଙ୍ଗ ପୁଲିସ, ମହିଳାରେ ଏସ୍‌ଏସ୍‌ବି, ଉତ୍ତର ପଦେଶ ପୁଲିସ ଓ ଜମ୍ମୁ କଶ୍ମୀର ପୁଲିସ ବିଜୟୀ ହୋଇଛନ୍ତି। କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ବିଭାଗରେ ଉତ୍ତରାଖଣ୍ଡ ପୁଲିସ ୯–୦ ଗୋଲରେ ଚଣ୍ଡିଗଡ଼ ପୁଲିସକୁ, ଦ୍ୱିତୀୟ ମ୍ୟାଚରେ ଆଇଟିବିପି ୮–୩ ଗୋଲରେ ରାଜସ୍ଥାନ ପୁଲିସକୁ, ତୃତୀୟ ମ୍ୟାଚରେ ମଣିପୁର ପୁଲିସ ୩–୧ ଗୋଲରେ ଝାଡ଼ଖଣ୍ଡ ପୁଲିସକୁ ଓ ଚତୁର୍ଥ ମ୍ୟାଚରେ ପଶ୍ଚିମବଙ୍ଗ ପୁଲିସ ୬–୩ ଗୋଲରେ ଛତିଶଗଡ଼ ପୁଲିସକୁ ପରାସ୍ତ କରିଛି। ମହିଳା ବିଭାଗରେ ଏସ୍‌ଏସ୍‌ବି ୧୭–୦ ଗୋଲରେ ଗୁଜରାଟ ପୁଲିସକୁ, ଉତ୍ତରପ୍ରଦେଶ ପୁଲିସ ୨–୧ ଗୋଲରେ ଓଡ଼ିଶା ପୁଲିସକୁ ଓ ଜମ୍ମୁ କଶ୍ମୀର ପୁଲିସ ୧୮–୦ ଗୋଲରେ ଗୁଜରାଟ ପୁଲିସ ଦଳକୁ ପରାସ୍ତ କରିଛି। ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ଯୋଗ ଦେଇଥିଲେ।

## ହାଇକୋର୍ଟରେ ଜାଲ୍ ଶିକ୍ଷକ ନିଯୁକ୍ତି ମାମଲା

# ୪୨୪ ଶିକ୍ଷକ ବହିଷ୍କୃତ : ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଜାଲ୍ ପ୍ରମାଣପତ୍ର ବଳରେ ଶିକ୍ଷକ ନିଯୁକ୍ତି ଓ ଭୂତ(ବୋଗସ୍) ଛାତ୍ରଛାତ୍ରୀଙ୍କ ନାଁରେ ମଧ୍ୟାହ୍ନ ଭୋଜନ ବାବଦରେ ଅର୍ଥ ଆତ୍ମସାତ୍ ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ରାଜ୍ୟର ୨୭ଟି ଜିଲ୍ଲାରେ ପ୍ରମାଣପତ୍ର ଯାଞ୍ଚ କରାଯାଇ ନିଯୁକ୍ତି ପାଇଥିବା ୪୨୪ଜଣ ଜାଲ୍ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେହିପରି ୬ଟି ଜିଲ୍ଲାରେ ଏବେବି ଆଉ କେତେକ ଘଟଣାର ଅନୁସନ୍ଧାନ ଜାରି ରହିଛି। ବାକି ୩ଟି ଜିଲ୍ଲାର ଷ୍ଟାଟସ୍ ରିପୋର୍ଟ ଦାଖଲ କରିପାରି ନାହାନ୍ତି ସରକାର। ଏହି ୩ଟି ଜିଲ୍ଲା ଯଥା- କେନ୍ଦ୍ରାପଡ଼ା, କେନ୍ଦୁଝର ଓ ବରଗଡ଼ ଜିଲ୍ଲାରେ ଜାଲ୍ସ ଶିକ୍ଷକଙ୍କ ଚିହ୍ନଟ ଓ ସେମାନଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଦାଖଲ ସହ ୬ ଜିଲ୍ଲାର ତଦନ୍ତ ସ୍ଥିତି ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ୨୦୨୩ ମେ' ୯ର ଚିଠି ଅନୁସାରେ, ବିଭିନ୍ନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନକଲି ଶିକ୍ଷକଙ୍କୁ ଚିହ୍ନଟ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିଥିବା ଓ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ମଧ୍ୟ ରୁଜୁ ହେଉଥିବା ନେଇ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର ଓ ରାଜସ୍ଥାନ ଆଦି ରାଜ୍ୟରୁ ନକଲି ତଥା ଜାଲ୍ ପ୍ରମାଣପତ୍ର ଆଣି ରାଜ୍ୟର କେତେକ ସରକାରୀ ପ୍ରାଥମିକ ସ୍କୁଲରେ ଅନେକ ଶିକ୍ଷକ ଚାକିରି ପାଇଛନ୍ତି ବୋଲି ଅଭିଯୋଗ କରି ଆବେଦନକାରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ।

# ସଂଘବଦ୍ଧ ଆକ୍ରମଣରେ ଗୁରୁତରଙ୍କ କଟାହେଲା ବାମ ଗୋଡ଼

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ତନାର ଗ୍ରାମର ପୀଡ଼ିତ ଗୌରାଙ୍ଗ ମଳିକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ସେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେବା ଅବସ୍ଥାରେ ତାଙ୍କର ବାମ ଗୋଡ଼ କଟା ଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ତନାର ଗ୍ରାମର ଗୌରାଙ୍ଗ ମଳିକ ନିଜ କାମ ସାରି ରାତି ୧୦ଟା ରେ ଘରକୁ ଫେରୁଥିବା ସମୟରେ ସେହି ଗ୍ରାମର ୫ଜଣ ଯୁବକ କୋର୍ ସରସ୍ୱତୀ ଛକ ଠାରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ସଂକଟାପନ୍ନ ଅବସ୍ଥାରେ ପୋଖରୀ କୂଳରେ ଫୋପାଡି



ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ତାଙ୍କର ବାମ ଗୋଡ଼ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଡାକ୍ତର ଅସ୍ତ୍ରୋପଚାର କରି ତାଙ୍କର ଗୋଡ଼କୁ କାଟିଦେଇଛନ୍ତି। ଗୌରାଙ୍ଗଙ୍କ ପତ୍ନୀ ଉଷାରାଣୀ ମଳିକ ନିକିରାଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ଥାନା ଅଧିକାରୀ ୧୨୧/୨୫ରେ ଏକ ମାମଲା ରୁଜୁ କରି ବସିଥିବା ବେଳେ ୫ଜଣ ଅଭିଯୁକ୍ତ ଖୋଲାଖୋଲି ଭାବରେ ବୁଲି ପୀଡ଼ିତାଙ୍କୁ ଧମକ ଦେଉଥିବା ନେଇ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଦାବି କରାଯାଇଛି।

# ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବାଲେଶ୍ୱର ଗସ୍ତ
# ବିପର୍ଯ୍ୟୟ ପରିଚାଳନା ଓ ରାଜସ୍ୱ ସମ୍ପର୍କରେ କଲେ ସମୀକ୍ଷା

**ବାଲେଶ୍ୱର, ନ୍ୟୁଜ୍**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାର ବିଭିନ୍ନ ରାଜସ୍ୱ, ଜମି ଅଧିଗ୍ରହଣ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଜଳେଶ୍ୱର ଅଶ୍ୱିନୀ ପାତ୍ର, ବିଧାୟକ, ସିମୁଳିଆ ପଦ୍ମଲୋଚନ ପଣ୍ଡା, ବିଧାୟକ, ବାଲେଶ୍ୱର ସଦର ମାନସ କୁମାର ଦତ୍ତ, ବିଧାୟକ, ନୀଳଗିରି ସନ୍ତୋଷ ଖଟୁଆ, ବିଧାୟିକା ବସ୍ତା ସୁବାସିନୀ ଜେନା, ବିଧାୟକ ଭୋଗରାଇ ଗୌତମ ବୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଡ. ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ନୀଳଗିରି ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର (ରାଜସ୍ୱ) ସୀତାଂଶୁ ଶେଖର ଦାସ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଡିଏସଆର ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ଚାଲିଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବା ଦିଗରେ ବୈଠକ ପ୍ରାରମ୍ଭରେ ଆଲୋଚନା ହୋଇଥିଲା ଓ ତହସିଲ ଅଫିସରୁ ଯେପରି କୌଣସି ଲୋକ ସହାୟତା ବିନା ନ ଫେରୁ ସେ ବାବଦରେ ସମସ୍ତ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ମନ୍ତ୍ରୀ ଉପଦେଶ ଦେଇଥିଲେ। ଆଗମୀ ଦିନରେ ରାଜସ୍ୱ ବିଭାଗ କିପରି ଲୋକଙ୍କ ନିକଟତର ହେବ ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ। ତହସିଲଦାର ଏବଂ ରାଜସ୍ୱ କର୍ମଚାରୀ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନା ଗୁଡ଼ିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ ସେ କହିଥିଲେ। ଆଗାମୀ ଦିନରେ ରାଜସ୍ୱ ବିଭାଗ ମୋବାଇଲ ଦ୍ୱାରା ଲୋକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରୁଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଥିଲେ। ସମସ୍ତ ରାଜସ୍ୱ ଜମିର ରକ୍ଷା କରିବା ପାଇଁ ଅଧିକାରୀ ମାନେ ଚେଷ୍ଟିତ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଜାତି ପ୍ରମାଣପତ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧା ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ ମାନ୍ୟବର ମନ୍ତ୍ରୀ। ସେହିପରି ଅସାଧୁ ଆକାରରେ ଆଦିବାସୀ ଜମି ହଡ଼ପ କରୁଥିବା ଲୋକଙ୍କ ପ୍ରତି ସରକାର କଡ଼ା ପଦକ୍ଷେପ ନେବ ବୋଲି ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ ଯେଉଁମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବାକୁ ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମନ୍ତ୍ରୀ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ନିରୀକ୍ଷଣ କରିଥିଲେ। ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅଭିଯୋଗ ଓ ବିବାଦଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏଠାରେ ସୂଚନା ଥାଉ କି ଏହି ଏକ ଦିବସୀୟ ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ପୂଜାରୀ ସଦର ବ୍ଲକସ୍ଥିତ ବର୍ଦ୍ଧନପୁର ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ ମଧ୍ୟ କରିଥିଲେ।

# ବିଦ୍ୟୁତ ସଂଯୋଗ କାଟ୍ ଓ ସ୍ମାର୍ଟ ମିଟରକୁ ନେଇ ଅସନ୍ତୋଷ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଜେନାଙ୍କୁ ଭେଟିବା ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଚିଠି ଲେଖିଛି। ବର୍ତ୍ତମାନ ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଶ୍ରୀ ଜେନାଙ୍କ ସହ ସଂଘ ଆଲୋଚନା କରିବାକୁ ଚିଠିରେ ଉଲ୍ଲେଖ କରିଛି। ମହାସଂଘର ଅଭିଯୋଗ ଅନୁଯାୟୀ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବାରମ୍ବାର ବିଜୁଳି କାଟ୍ ହେଉଛି। ସେହିପରି ବାରମ୍ବାର ବିରୋଧ ସତ୍ତ୍ୱେ ବିତରକ କମ୍ପାନୀ ପକ୍ଷରୁ ସ୍ମାର୍ଟ ମିଟର ଲଗାଯାଉଛି, ଯାହା ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥର ପରିପନ୍ଥୀ ଅଟେ। ତେଣୁ ବିଦ୍ୟୁତ୍ କାଟକୁ ବନ୍ଦ କରିବା ଏବଂ ଜନବିରୋଧୀ ସ୍ମାର୍ଟ ମିଟର ପ୍ରତ୍ୟାହାର କରିବା ଆଦି ଦାବି ନେଇ ମହାସଂଘର ଏକ ପ୍ରତିନିଧି ଦଳ ଓଇଆରସି ଅଧ୍ୟକ୍ଷଙ୍କୁ ଭେଟିବବାକୁ ଚାହୁଁଛି। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ଏବଂ ତାରିଖ ଧାର୍ଯ୍ୟ କରିବାକୁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ପୂର୍ବରୁ ଶ୍ରୀ ଜେନା ଶକ୍ତି ସଚିବ ଥିବାବେଳେ ପୂର୍ବ ସରକାରରେ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ବହୁ ପଦକ୍ଷେପ ନେଇଥିଲେ। ଏପରିକି ମୁଖ୍ୟ ଶାସନ ସଚିବ ଥିବାବେଳେ ବାରମ୍ବାର ବିଜୁଳି କାଟ୍‌କୁ ନାପସନ୍ଦ କରିଥିଲେ। ତେଣୁ ଏବେ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ସେଭଳି ପଦକ୍ଷେପ ନେବାକୁ ମହାସଂଘ ଅନୁରୋଧ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅଘୋଷିତ ବିଜୁଳି କାଟ୍ ଏବଂ ବିଦ୍ୟୁତ୍ ବିଲ୍ ଦେବାରେ ବିଳମ୍ବ କାରଣରୁ ଉପଭୋକ୍ତାଙ୍କ ବିଜୁଳି ସଂଯୋଗ କାଟିଦେବା ନେଇ ଗତ ବିଧାନସଭା ଅଧିବେଶନରେ ବେଶ୍ କ୍ଷୋଭ ପ୍ରକାଶ ପାଇଥିଲା। ଖରା ଦିନେ ଟାଟା ପାୱାର ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦେଉଥିବା ନେଇ ଉଭୟ ଶାସକ ଏବଂ ବିରୋଧୀ ଦଳର ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚଳିତ ଗ୍ରୀଷ୍ମଋତୁରେ ଲୋକଙ୍କ ବିଜୁଳି ସଂଯୋଗ କଟାଯିବ ନାହିଁ ବୋଲି କହି ଆଶ୍ୱାସନା ପ୍ରଦାନ କରିଥିଲେ।

# ନକଲି ଆପ୍ ଖୋଲି ଠକି ନେଲେ କୋଟି କୋଟି ଟଙ୍କା : ମାଷ୍ଟରମାଇଣ୍ଡ ସହ ୯ ଗିରଫ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ପୁଲିସକୁ ମିଳିଛି ବଡ଼ଧରଣର ସଫଳତା। ଠାବ ହୋଇଛି ଠକ ଶେୟାର ମାର୍କେଟ ହବ୍। ଯେଉଁଠି ଲୋକମାନଙ୍କୁ ନିବେଶ ଅର୍ଥର ବହୁଗୁଣ ଲାଭ ଆଶା ଦେଖାଇ ଠକେଇ କରାଯାଇଥିଲା। ଲୋକମାନେ ବି ଲୋଭନୀୟ ବିଜ୍ଞାପନ ମାୟାରେ ପଡ଼ି ଅନାୟସରେ ଠକେଇର ଶିକାର ହେଉଥିଲେ। ପ୍ରଥମେ ନିବେଶ ଅର୍ଥଠାରୁ ଅଳ୍ପ କିଛି ଅର୍ଥ ରାଶି ଦେଇ ଗ୍ରାହକଙ୍କୁ ପ୍ରଲୋଭିତ କରାଯାଇଥିଲା, ପରେ ଗ୍ରାହକଙ୍କର ମୋଟା ଅଙ୍କର ରାଶିକୁ ହଡ଼ପ କରାଯାଇଥିଲା। ଏହି ଘଟଣାରେ ସିଭିଲ୍ ଟାଉନ୍‌ସିପ୍ ଓ ବାସନ୍ତୀ କଲୋନୀରୁ ମାଷ୍ଟରମାଇଣ୍ଡ ସହ ୯ ଅଭିଯୁକ୍ତଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ୫ଟି ଲାପ୍‌ଟପ୍ ୩୧ଟି ଦାମୀ ମୋବାଇଲ୍ ଫୋନ୍, ୬୮ଟି ସିମ୍‌କାର୍ଡ ସମେତ ଜିଓ ଫାଇବର ୨ଟି, ୨୦ଟି ବିଭିନ୍ନ ଦେଶ ବିଦେଶର ପରିଚୟ ପତ୍ର, ୨ଟି ପେନ୍‌ଡ୍ରାଇଭ୍, ୧୯ ଏଟିଏମ୍ କାର୍ଡ, ବ୍ୟାଙ୍କ ଖାତା, ଚେକ୍ ବୁକ୍ ୪ଟି, ଗୋଟିଏ ସ୍କୁଟି, ଗୋଟିଏ କାର୍ ଜବତ କରାଯାଇଛି। ଏହି ଘଟଣାରେ ସାରା ଦେଶରୁ ମୋଟ ୨୩ଟି ଆକାଉଣ୍ଟରୁ ୧କୋଟି ୪୧ ଲକ୍ଷ ଟଙ୍କାକୁ ଫ୍ରିଜ୍



କରିଛି ପୁଲିସ। ଗିରଫ ମୁଖ୍ୟ ମାଷ୍ଟରମାଇଣ୍ଡ ହେଉଛି ଛତିଶଗଡ଼ ରାୟପୁର ଜିଲ୍ଲା ମାଓବା ଥାନା ଦଲଦଲ ସେଓନି ଅଞ୍ଚଳର କିଶନ ଅଗ୍ରୱାଲ (୨୬) ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ କିଶନର ସାନ ଭାଇ କୁନାର ଅଗ୍ରୱାଲ (୨୫), ଉତ୍ତରାଖଣ୍ଡ ରାଜ୍ୟ ରୁଦ୍ର ପ୍ରୟାଗ ଅଞ୍ଚଳର ଅର୍ଜୁନ ସିଂ (୨୭), ଛତିଶଗଡ଼ ଯଶପୁର ଜିଲ୍ଲା ବଗିଚା ଥାନା ଅଞ୍ଚଳର ଗିରିଧାରୀ ସିଂ ଓରଫ ରାମ (୨୪), କୋରବା ଥାନା ଅଞ୍ଚଳର ଅଜୟ କୁମାର (୨୫), ବାଲୋଦୋବଜାର ଜିଲ୍ଲା ସାରୋସିୟ। ଥାନା ଅଞ୍ଚଳର ସନ୍ଦୀପ କୁମାର ସୋନି (୨୮), ଟାମ୍ପା ଜିଲ୍ଲା ଶକ୍ତି ଥାନା ଅଞ୍ଚଳର ସୌମେନ୍ଦ୍ର ସିଂ ରାଜପୁତ (୨୭), ଛତିଶଗଡ଼ ରାୟଗଡ଼ ଜିଲ୍ଲା ଶରଣଗଡ଼ ଅଞ୍ଚଳର ଅଭିଜିତ୍ ଭରଦ୍ୱାଜ (୨୭) ଏବଂ ଜାନଜିର ନାମା ଜିଲ୍ଲା ସରଗାଓଁ ଥାନା ଅଞ୍ଚଳର ଦୀନେଶ ସାହୁ (୨୫)।

ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ କହିଲେ ଏକ ବଡ଼ ଧରଣର ବେଟିଂ ବା ଅନ୍‌ଲାଇନ୍ ସଟ୍ଟା ଖେଳ ଚାଲୁଥିବା ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ଅନ୍ୱିତ ମହାନ୍ତି, ସାଇବର ଥାନା ଅଧିକାରୀ ସେରୋଫିନା ଖେସ୍, ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସବ୍‌ଇନ୍ସପେକ୍ଟର ସମ୍ପଦ କୁମାର ମହାନ୍ତି ପ୍ରମୁଖ ସିଭିଲ୍ ଟାଉନସିପ୍‌ସ୍ଥିତ ଏକ ଆପାର୍ଟମେଣ୍ଟରେ ଚଢ଼ଉ କରିଥିଲେ। ସେଠାରେ ପ୍ରଥମେ ଛତିଶଗଡ଼ର ଅଭିଜିତ୍ ଭରଦ୍ୱାଜ (୨୭) ଏବଂ ଦିନେଶ ସାହୁ (୨୫)ଙ୍କୁ ପୁଲିସ ସନ୍ଦିଗ୍ଧ ଅବସ୍ଥାରେ କାବୁ କରି ପଚରାଉଚରା କରିବା ପରେ ସେମାନେ ଠକ ଶେୟାର ମାର୍କେଟିଂ ବିଷୟରେ ଖୁଲାସା କରିଥିଲେ।

ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି ଯେ ସେମାନେ ଦେଢ଼ମାସ ହେବ ରାଉରକେଲାରେ ଭଡ଼ା ଘରେ 'ଟ୍ରେଡ୍ ନାଓ' ନାମକ ନକଲି ଆପ୍ ପ୍ରସ୍ତୁତ କରି ଏକ ଫ୍ରଡ୍ ଶେୟାର ମାର୍କେଟିଂ ଚଳାଇଥିଲେ। ଏହି ନକଲି ଆପ୍ ଜରିଆରେ ସେମାନେ ଦୈନିକ ୫୦ରୁ ୬୦ ଲକ୍ଷ ଟଙ୍କା ରୋଜଗାର କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ବ୍ୟାଙ୍କରେ ଥିବା ୨୩ଟି ଆକାଉଣ୍ଟରେ ମୋଟ୍ ୧୪୧ କୋଟି ଟଙ୍କା ଫ୍ରିଜ୍ କରାଯାଇଛି। ଆହୁରି ୧୭୬ଟି ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଛି। ଦେଶବ୍ୟାପୀ ଏହି ଗ୍ୟାଙ୍ଗ୍ ବିରୋଧରେ ୨୭ଟି ମାମଲା ରୁଜୁ ହୋଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଯଦି ସବୁ ଯାଞ୍ଚ କରାଯାଏ ତେବେ ଏହି ଠକେଇର ମାତ୍ରା ପ୍ରାୟ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

**OFFICE OF THE EXECUTIVE ENGINEER, L.I. DIVISION, Nayagarh** **CAD-82**
E-mail - eeolicnayagarh@gmail.com
**e-Tender Notice**
**Bid Identification No.01/25-26 OLIC (Nayagarh) / Dt. 07.04.2025**

The Executive Engineer, Lift Irrigation Division, Nayagarh on behalf of Managing Director, Odisha Lift Irrigation Corporation Limited, Bhubaneswar invites Percentage Rate bids in single cover system in online mode on "Turnkey Basis" from reputed firms/Contractors having H.T Electrical License issued by ELBO & Civil License of appropriate class having Joint Venture with the state PWD/Irrigation/PHED relevant license as mentioned.

| | | |
|---|---|---|
| 1. | Numbers of Packages | 23 Nos. |
| 2. | Estimated Cost | Approximately Cost of Packages varies from Rs.10.00 lakh to Rs.22.50 lakh |
| 3. | Tender Paper Cost | As per DTCN. |
| 4. | Date & time of availability of bid in portal | Dt. 11.04.2025 from 10.00 hours to Dt. 17.04.2025 up to 17.00 hours |
| 5. | Date & time of clarification up to | Dt. 15.04.2025 up to 17.00 hours |
| 6. | Date & time of opening of bid | Dt. 19.04.2025 at 11.00 hours |

The bidders have to participate in online bidding only.
Further details can be seen from the website www.tendersorissa.gov.in.
Addendum/corrigendum/cancellation of tender if any, can be seen in the said website

**OIPR-32453/11/0004/2425 Sd/- EXECUTIVE ENGINEER**



## ‘ଦେଶ ବିଦେଶ’ର ୧୧ତମ ସ୍ୱନକ୍ଷେତ୍ର ସମାରୋହ

# ସାମାଜିକ ପରିବର୍ତ୍ତନରେ ସମ୍ବାଦପତ୍ର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ହୋଇଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାମାଜିକ ପରିବର୍ତ୍ତନରେ ସମ୍ପ୍ରତି ଗଣମାଧ୍ୟମ ବା ସମ୍ବାଦପତ୍ର ସବୁଠାରୁ ଶକ୍ତିଶାଳୀ ଶକ୍ତିଶାଳୀ ମାଧ୍ୟମ ହୋଇଛି ବୋଲି ବିଶିଷ୍ଟ ରାଜନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମତବ୍ୟକ୍ତ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟଠାରେ ସାପ୍ତାହିକ ସମ୍ବାଦପତ୍ର “ଦେଶ ବିଦେଶ”ର ୧୧ତମ ସ୍ୱନକ୍ଷେତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଘଡାଇ , ରାଜ୍ୟର ଅଗ୍ରଣୀ ଓଡ଼ିଆ ସାପ୍ତାହିକୀ ‘ଦେଶ ବିଦେଶ’ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେ କହିଥିଲେ ବଡ଼ ବଡ଼ ସାମ୍ବାଦ ପତ୍ର ଗୁଡିକ ସ୍ଥାନୀୟ ସଂସ୍କରଣ ଉପରେ ଗୁରୁତ୍ୱ ରଖୁଥିବାରୁ ସାରା ରାଜ୍ୟର ଖବର ମିଳେ ନାହିଁ । ହେଲେ କ୍ଷୁଦ୍ର ମଧ୍ୟମ ଖବର କାଗଜରୁ ସବୁ ଖବର ମିଳିଥାଏ। ଏଣୁ ଏହି ସବୁ କାଗଜକୁ ଏବେ ବି ଗୁରୁତ୍ୱ ଦିଆ ଯାଉଛି। ଦେଶ ବିଦେଶ କାଗଜର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ସାମ୍ବାଦ ପତ୍ର ଗୁଡିକର ଅସନ୍ତୁଳିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓ.ୟୁ.ଡବ୍ଲୁ.ଜେ ରାଜ୍ୟ ସଭାପତି ଭାଗବତ ପ୍ରସାଦ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଜେଡି ନେତା ରଘୁନାଥ ସାହୁ, ବିଶିଷ୍ଟ ବେଦ ବିଶାରଦ ତଥା ରାଜନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସାମ୍ବାଦ ପତ୍ର ଓ ସାମ୍ବାଦିକମାନଙ୍କ ସମସ୍ୟାର ଆଶୁ ସମାଧାନ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମ୍ବାଦପତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋନଜ କୁମାର ମେହେଟ୍ଟା, ବିଜୟ କୁମାର ମହାନ୍ତିଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଦେଶ ବିଦେଶର ସମ୍ପାଦକ ଦିବ୍ୟାଂଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶକ ଅଞ୍ଜଳି ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ବିଜ୍ଞାପନ ଦାତା ପାଠକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ମନୋରଞ୍ଜନଧର୍ମୀ...

ସାନ ମାନଙ୍କୁ ଆଦର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଉପରେ ମଧ ଗୁରୁତ୍ୱ ଦିଆଯାଏ। ଶିଶୁ ମନ୍ଦିରରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ପ୍ରାୟତଃ ସମାଜରେ ବିପଥଗାମୀ ହୁଅନ୍ତି ନାହିଁ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୩୯ତମ ସବଜୁନିୟର ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି ଯେ, ୨୪ଟି ରାଜ୍ୟର ୪୩୨ ଜଣ ଖେଳାଳି ଓ ୧୫୦ ଅଫିସିଆଲଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିମାନଙ୍କର ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ ବରଂ ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ ପ୍ରତିଫଳିତ କରୁଛି।

୧୯୮୦ ମସିହାରେ କେନ୍ଦୁଝରଠାରେ ଚତୁର୍ଥ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏହା ଆମ ପାଇଁ ନିଶ୍ଚିତଭାବେ ଖୁସିର ବିଷୟ ଯେ ପୁନର୍ବାର ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଆମକୁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ରାଜ୍ୟ ସରକାର ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ାକୁ ଯୁବସମାଜର ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି । ପ୍ରତ୍ୟେକ ସଫଳତା ସହ ଓଡ଼ିଶା ନିଜକୁ କ୍ରୀଡ଼ା ଜଗତର ଏକ ଉଦୀୟମାନ ଶକ୍ତି ଭାବେ ପ୍ରମାଣିତ କରୁଛି ବୋଲି ସେ କହିଥିଲେ

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ହେବାକୁ ଥିବା କ୍ରୀଡା ଭିତ୍ତିଭୂମିର ବିକାଶ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ, କ୍ରିକେଟ, ଫୁଟବଲ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଏବଂ ଅନ୍ୟାନ୍ୟ ଇଣ୍ଡୋର କ୍ରୀଡ଼ା ପାଇଁ ଗୋଟିଏ ଲେଖାଏଁ ଇଣ୍ଡୋର ହଲ ରହିବ। ଏହି ସବୁ କାର୍ଯ୍ୟ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନର ସଭାପତି ବିପ୍ଲବ ଚୌଧୁରୀ ଓ ସମ୍ପାଦକ ଇଂ ମାନସ ରଞ୍ଜନ ସିଂହ ଉପସ୍ଥିତ ଥିଲେ ।

ଏହି ଅବସରରେ ସ୍ଥାନୀୟ କାଳିତୀର୍ଥ ପଡ଼ିଆ ଠାରେ ଆୟୋଜିତ ୧୧୪ କୁଣ୍ଡୀୟ ବିଶ୍ୱ ଶାନ୍ତି ମହାଯଜ୍ଞରେ ମଧ ମୁଖ୍ୟମନ୍ତ୍ରୀ ଯୋଗଦାନ କରିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ଜୟରାମ ବାଙ୍କୀରା, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଝାଡେଶ୍ୱର ମହାନ୍ତ, ଗୋଲକ ବିହାରୀ ଗିରି, ଏବଂ ପ୍ରଧାନ ଶିକ୍ଷକ ଦେବବ୍ରତ ସାମଲ ଉପସ୍ଥିତ ଥିଲେ।

### ଆଜି ଆୟୁଷ୍ମାନ...

ମାଗଣା ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଫଳରେ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ । ରାଜ୍ୟରେ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ ହେବା ପରେ ରାଜ୍ୟ ଓ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରିବ । ଦେଶର ୨୯ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ । ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ ବୟୋଜେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ । ଆୟୁଷ୍ମାନ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପ୍ରଦାନ କରାଯିବ। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି ।

ପୁରୀରେ ଅନୁଷ୍ଠିତ ହେବାକୁ ଥିବା ‘ବିଧାୟକ ଓ ସାଂସଦ ପ୍ରଶିକ୍ଷଣ’ କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ଶ୍ରୀ ନଡ୍ଡା ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରିବେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ଓ ଲକ୍ଷ୍ୟ କିପରି କ୍ରିୟାନ୍ୱୟନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ । ଶ୍ରୀ ନଡ୍ଡାଜୀଙ୍କ ଏହି ଦୁଇଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇରହିବ ବୋଲି ଶ୍ରୀ ସାମଲ କହିଛନ୍ତି ।

### ବାଂଲାଦେଶରେ...

ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ଅଛନ୍ତି । ଏହି ସୈନ୍ୟ ଅଧିକାରୀମାନଙ୍କୁ ଏପ୍ରିଲ ୫ ତାରିଖରୁ ସେମାନଙ୍କ ସରକାରୀ କ୍ୱାର୍ଟର ପର୍ଯ୍ୟନ୍ତ ସୀମିତ କରି ଦିଆଯାଇଥିଲା। ବାଂଲାଦେଶ ଅନ୍ତରୀଣ ସରକାର ସାର୍ବଜନୀକ ରୂପେ ୫ ଅଧିକାରୀଙ୍କ ପରିଚୟ ଘୋଷଣା କରୁ ନାହାନ୍ତି ।

ତେବେ ଭାରତୀୟ ଏଜେନ୍ସି ଏହି ୫ ଅଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ଏମାନଙ୍କ ମଧ୍ୟରେ ବ୍ରିଗେଡିୟର ଜେନେରାଲ ଏସ.ଏମ.ଜକାରିୟା ହୁସୈନ (ଇଞ୍ଜିନିୟର୍ସ ବ୍ରିଗେଡ), ବ୍ରିଗେଡିୟର ଜେନେରାଲ ଇମରାନ ହମିଦ (ଇନଫେଣ୍ଟ୍ରି ବ୍ରିଗେଡ) ଅଛନ୍ତି। ଜେନେରାଲ ହମିଦ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଡିସି ଥିଲେ। ଏହାଛଡା ରାପିଡ ଆକ୍ସନ ବଟାଲିୟନ (ଆରଏବି)ରୁ କର୍ଣ୍ଣେଲ ଅବଦୁଲ୍ଲା ଅଲ ସୋମେନ, ବର୍ଡରଗାର୍ଡ ବାଂଲାଦେଶ (ବିଜିବି)ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହମ୍ମଦ ରିଦବାନୁଲ ଇସ୍ଲାମ ଓ ଇଷ୍ଟ ବେଙ୍ଗଲ ରେଜିମେଣ୍ଟରୁ ମେଜର ମହମ୍ମଦ ନୋମାନ ଅଲ ଫାରୁଖଙ୍କୁ ମଧ ନଜରବନ୍ଦୀ କରାଯାଇଛି ।

### ପାମ୍ ଅଏଲ କମ୍ପାନୀ...

ଲିମିଟେଡ୍ (ଅନୁଗୁଳ) ଏବଂ ଲିଭ୍ ପାମ୍ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍ (ଢେଙ୍କାନାଳ ଓ ଯାଜପୁର) ।

ଏହି ବୁଝାମଣା ପତ୍ର ଦ୍ୱାରା ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟର ଅର୍ଥନୈତିକ ରୂପାନ୍ତରଣ ଓ ରୋଜଗାର ସୃଷ୍ଟିରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି ।ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, କୃଷି ବିଭାଗର ନିର୍ଦ୍ଦେଶକ ଶୁଭମ ସାକସେନା, ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

### ଭାରତକୁ ମିଳିବ...

ସେମିକଣ୍ଡକ୍ଟର ଚିପ୍‌ସେଟ ଅନେକ ପ୍ରକାରର ହୋଇଥାଏ। ସେଥିମଧ୍ୟରେ ମାଇକ୍ରୋପ୍ରୋସେସର, ମେମୋରୀ ଚିପ୍ସ (ଫ୍ଲାଶ ଷ୍ଟୋରେଜ), ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ ଆଦି ସାମିଲ ରହିଛି । ଭାରତକୁ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍ ଆସିବା ପରେ, ଦେଶ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବ। ସେମିକଣ୍ଡକ୍ଟର ଚିପ ମାନୁଫାକଚରିଂ ଇଣ୍ଡଷ୍ଟ୍ରି ଦୀର୍ଘ ସମୟ ଧରି କିଛି ବଛା ବଛା ଦେଶଙ୍କ କବଜାରେ ରହିଆସିଛି। ଥରେ ଧୋଲେରା ଫ୍ୟାବ୍ରିକେସନ ପ୍ଲାଣ୍ଟ ଆରମ୍ଭ ହେବା ପରେ, ଏହା ଭାରତର ସେମିକଣ୍ଡକ୍ଟର ମାନୁଫାକଚରିଂ ଇକୋସିଷ୍ଟମ ପାଇଁ ମୂଳଦୁଆ ଭାବେ କାମ କରିବ।

### ବାଣିଜ୍ୟ...

କିଛି ପ୍ରାରମ୍ଭିକ ଦେଶ ହେଉଛନ୍ତି ଚାଇନାର ପଡ଼ୋଶୀ। ମୁଁ ଆଜି ଭିଏତନାମ ଦେଖିଲି ଜାପାନ ସାମ୍ନାରେ ଅଛି, ଦକ୍ଷିଣ କୋରିଆ ଏବଂ ଭାରତ, ବେସେଣ୍ଟ କହିଛନ୍ତି।

ଏପ୍ରିଲ ୧୦ ତାରିଖରୁ ଏସୀୟ ମହାଶକ୍ତି ଆମେରିକାର ସାମଗ୍ରୀ ଉପରେ ଶୁଳ୍କ ୩୪% ରୁ ୮୪% ବୃଦ୍ଧି କରିବା ପରେ ଚୀନ ବିରୁଦ୍ଧରେ ତୀବ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେସେଣ୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ଏପ୍ରିଲ ୨ ରେ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବ୍ୟାପକ ଶୁଳ୍କ, ଯାହା ମଧ୍ୟରୁ ଅଧିକାଂଶ ୯୦ ଦିନ ପାଇଁ ବନ୍ଦ କରାଯାଇଛି, ଏକ ଆଲୋଚନା ରଣନୀତି ଥିଲା ହଠାତ ଘୋଷଣା ପରେ ବିଶ୍ୱବ୍ୟାପୀ ବଜାରଗୁଡ଼ିକ ପୁନର୍ବାର ଉଛୁଳିବା ଦେଖିବାକୁ ମିଳିଛି, ଅସ୍ଥିରତାର ଦିନର ଅନ୍ତ ଘଟିଛି।

ଆଜି ଏକ ସପ୍ତାହ ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ କାର୍ଯ୍ୟକାରୀ କରିଥିବା ସଫଳ ଆଲୋଚନା ରଣନୀତି ଆମେ ଦେଖିଲୁ । ଏହା ୭୫ରୁ ଅଧିକ ଦେଶଙ୍କୁ ଆଲୋଚନା ପାଇଁ ଆଗକୁ ଆଣିଛି ବୋଲି ବେସେଣ୍ଟ କହିଛନ୍ତି।

### ପାଣିପାଗ ବିଭାଗର...

ପଶ୍ଚିମ ବାୟୁମଣ୍ଡଳ ୧୧ ତାରିଖ ପର୍ଯ୍ୟନ୍ତ ସହରରେ ବର୍ଷା ଏବଂ ବଜ୍ରପାତ ଆଣିବାର ସମ୍ଭାବନା ରହିଛି।

ସେହି ସମୟରେ, ପାଣିପାଗ ବିଭାଗ ଉତ୍ତର ପ୍ରଦେଶର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ବଜ୍ରପାତର ସତର୍କତା ଜାରି କରିଛି। ବିଭାଗ ଅନୁଯାୟୀ, ପ୍ରୟାଗରାଜ, ପ୍ରତାପଗଡ, ସୋନଭଦ୍ର, ମିର୍ଜାପୁର ଆଦି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ।

### ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ...

ମହାମାରୀର ବିନାଶକାରୀ ପ୍ରଭାବକୁ ମନେ ପକାଇ ସେ କହିଛନ୍ତି ଏହା ଭୁଲିଯିବା ଉଚିତ ନୁହେଁ ଯେ ଏହି ମହାମାରୀ ସାରା ବିଶ୍ୱରେ ୭୦ ଲକ୍ଷ ଲୋକଙ୍କ ଜୀବନ ନେଇଯାଇଛି, ଯାହା ଏକ ସରକାରୀ ତଥ୍ୟ। ତେବେ ଏହି ମହାମାରୀରେ ସାରା ବିଶ୍ୱରେ ୨ କୋଟିରୁ ଅଧିକ ଲୋକେ ପ୍ରାଣହରାଇଥିଲେ। ଡା. ଘେବ୍ରେୟେସ କହିଛନ୍ତି ଯେ କରୋନା ଭାଇରସ ମହାମାରୀ ବିଶ୍ୱକୁ ୧୦ହଜାର ବିଲିୟନ ଡଲାର କ୍ଷତିରେ ପକାଇଛି । ଏହି ମହାବିନାଶ ବୈଶ୍ୱିକ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଣାଳୀକୁ ମଜଭୁତ କରିବାକୁ ବାଧ୍ୟ କରିଛି । ଏଣୁ ସରକାରମାନଙ୍କୁ ଏଥି ପ୍ରତି ଅବିଳମ୍ବେ ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି।

ଡବ୍ଲୁଏଚଓ ମୁଖ୍ୟ କହିଛନ୍ତି ଯେ ଆଗାମୀ ମହାମାରୀକୁ ଧ୍ୟାନରେ ରଖି ଅବିଳମ୍ବେ ଏକ ମହାମାରୀ ବୁଝାମଣାର ଆବଶ୍ୟକତା ରହିଛି, ଯାହା ଦ୍ୱାରା ବିଶ୍ୱସ୍ତରରେ ସରକାର ମହାମାରୀ ମୁକାବିଲା ରଣନୀତିରେ ବୈଶ୍ୱିକ ଭାଗିଦାରୀର ବାଧ୍ୟ ବାଧକତାରେ ବନ୍ଧା ହୋଇ ରହିବେ । ବୈଶ୍ୱିକ ମହାମାରୀର ନିୟନ୍ତ୍ରଣ, ସୁରକ୍ଷା, ପ୍ରସ୍ତୁତି ଓ ପ୍ରବନ୍ଧନ ଅନ୍ତର୍ଜାତୀୟ ସିଷ୍ଟମରେ ପରିଣତ ହେଉ। ସେ କହିଛନ୍ତି ଯେ ଏହି ବୁଝାମଣା ଏପରି ହେବା ଉଚିତ ଯେ ଯେଉଁଥିରେ କୌଣସି କ୍ଷୁଦ୍ର ଅଥବା ଗରିବ ଦେଶ ପ୍ରତି ଯେପରି ପାତରଅନ୍ତର ନ ହୁଏ। ଏଥି ପାଇଁ ସେ ଜାତି ସଂଘ ଅନ୍ତର୍ଗତ ଦେଶମାନଙ୍କୁ ଆହ୍ୱାନ ଦେଇଛନ୍ତି ଯେ ଏ ଦିଗରେ ସେମାନେ ଅବିଳମ୍ବେ ଆଗକୁ ବଢନ୍ତୁ ଓ ଏକ ସାର୍ବଭୌମ ଓ ସମଗ୍ର ବୁଝାମଣାରେ ସ୍ୱାକ୍ଷର କରନ୍ତୁ । ସେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିଙ୍କୁ ନିବେଦନ କରିଛନ୍ତି ଯେ ଆପଣମାନେ ଗତ ୩ ବର୍ଷ ହେଲା ଜଣେ ଜଣକ ସମ୍ପର୍କରେ ଆସିଛନ୍ତି । ଏହି ଦିଗରେ ସିଡି ପରେ ସିଡି ଆଗକୁ ବଢିଛନ୍ତି । ଏବେ ଏହାକୁ ଚୂଡ଼ାନ୍ତ ରୂପ ଦେବାର ସମୟ ଆସିଛି । ଏଥି ପାଇଁ ଏକ ସର୍ବମାନ୍ୟ ବୁଝାମଣା ପାଇଁ ପ୍ରସ୍ତୁତ ହୁଅନ୍ତୁ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଚିତ୍ତାକର୍ଷକ ନୃତ୍ୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ପରିବେଷଣ କରିଥିଲେ। ପରେ ହାସ୍ୟ ଅଭିନେତା ପପୁ ପମପମ କମେଡି କରିଥିଲେ। ପରେ ଓଡିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ଶିଞ୍ଜିକା ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ, ପରେ କୋଲକାତାର ଆଦି ନୃତ୍ୟ କଳା ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ, ଟୁବୁଲା ଦାସଙ୍କ ନିର୍ଦ୍ଦେଶନାରେ କ୍ରିଏଟିଭ ନୃତ୍ୟ, ପରେ ଅସାମର ରୁପମ ଶର୍ମା ଓ ସାଥୀଙ୍କ ଦ୍ୱାରା ବିହୁ ନୃତ୍ୟ ଓ ଶେଷରେ ପଦ୍ମଶ୍ରୀ ଗୁରୁ ଉତ୍ସବ ଦାସଙ୍କ ଘୋଡ଼ା ନାଚ ମନ ମୁଗ୍ଧ କରିଥିଲା। ଏଥିରେ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡ଼ିଆ ଅଧକ୍ଷ ସୋମ୍ୟ ରଞ୍ଜନ ପଟ୍ଟନାୟକ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦେବ, ବରିଷ୍ଠ ବିଜେପି ନେତା ତଥା ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ପୂର୍ବତନ ମୁମ୍ବାଇ କମିଶନର ଅରୂପ ପଟ୍ଟନାୟକ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଡ଼ ପବିତ୍ର କୁମାର ସାମନ୍ତରାୟ, ଏମବିଶି ଟିଭି ମୁଖ୍ୟ ବଦ୍ରି ପଟ୍ଟନାୟକ, ଭି ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅନୁଷ୍ଠାନର କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ରଶ୍ମି ମହାପାତ୍ର, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ଓ ରୁକୁଣା ରଥ ନିର୍ମାଣ କରିଥିବା ମହାରଣା ସେବାୟତ, ଖରଡ଼ା ସେବାୟତ, ଦର୍ଜି ସେବାୟତ, ଆପଟିଆ ସେବାୟତ, ପୂଜାପଣ୍ଡା ନିଯୋଗ, ବଡ଼ୁ ନିଯୋଗ, ବ୍ରାହ୍ମଣ ନିଯୋଗ, ସମର୍ଥା ନିଯୋଗ ପ୍ରତିନିଧି, ଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରଚାର ପାଇଁ ସୁଶାନ୍ତ କୁମାର ସେଠୀ, ରଥ କଳେସୀ ବାବୁ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅମୃତ ଷ୍ଟେସନ ଯୋଜନା : ଓଡ଼ିଶାର କେନ୍ଦ୍ରୀୟ ଅଞ୍ଚଳରେ ପ୍ରମୁଖ ଷ୍ଟେସନର ନବୀକରଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ରୀୟ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରମୁଖ ଷ୍ଟେସନଗୁଡ଼ିକର ଏକ ବ୍ୟାପକ ପୁନଃବିକାଶ ଆରମ୍ଭ କରିଛି। ଲକ୍ଷ ଲକ୍ଷ ଲୋକଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଆର୍ଥିକ ବିକାଶ ଓ ଆଞ୍ଚଳିକ ସଂଯୋଗକୁ ବୃଦ୍ଧି କରାଇବା ଏହି ପଦକ୍ଷେପର ଲକ୍ଷ୍ୟ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରେ ଛଅଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ - ଅନୁଗୁଳ, ତାଳଚେର, ତାଳଚେର ରୋଡ୍, ମେରାମଣ୍ଡଳୀ, ଢେଙ୍କାନାଳ ଏବଂ ରେଢ଼ାଖୋଲର ଉନ୍ନତିକରଣ ଅନ୍ତର୍ଭୁକ୍ତ ଯାହା ସେମାନଙ୍କୁ ଡିଜାଇନ୍ ବା ନକ୍ସା, ପ୍ରବେଶଯୋଗ୍ୟତା, ସ୍ଥାୟୀତ୍ୱ ଏବଂ ଯାତ୍ରୀ ସୁବିଧାର ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମନ୍ୱିତ କରିବ ।
ଆଧୁନିକୀକରଣର ମୁଖ୍ୟାଂଶ: ନୂତନ ଷ୍ଟେସନ ଭବନ ଯେଉଁଥିରେ ଉନ୍ନତ ସ୍ଥାପତ୍ୟ, ଆଧୁନିକ ସୁବିଧା ଏବଂ ଉନ୍ନତ ଯାତ୍ରୀ ପରିଷେବା ରହିଛି । ଦୃଶ୍ୟମାନ ଏବଂ ସମ୍ମୁଖଭାଗ ଚଳପ୍ରଚଳ ପାଇଁ ଉନ୍ନତ ଷ୍ଟେସନ ମୁଖବନ୍ଧ । ସମସ୍ତ ଯାତ୍ରୀମାନଙ୍କ ସୁଗମତାକୁ ଉନ୍ନତ କରିବା ପାଇଁ ପ୍ରଶସ୍ତ ଫୁଟ ଓଭର ବ୍ରିଜ (୧୨ ମିଟର) ଏବଂ ଯାତ୍ରୀ ଲିଫ୍ଟ । ଉନ୍ନତ ପୃଷ୍ଠ ଗୁଣବତ୍ତା, ବର୍ଦ୍ଧିତ ଆଶ୍ରୟସ୍ଥଳୀ, ଡିଜିଟାଲ୍ ସାଇନେଜ୍ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ଉନ୍ନତ ପ୍ଲାଟଫର୍ମ । ସବୁଜ ଏବଂ ସ୍ଥାୟୀ ଡିଜାଇନ୍ ନୀତି, ଯେଉଁଥିରେ ଶକ୍ତି-ଦକ୍ଷ ଆଲୋକୀକରଣ, ଜଳ ସଂରକ୍ଷଣ ଏବଂ ଅପଚୟ ପରିଚାଳନା ଅନ୍ତର୍ଭୁକ୍ତ । ଡ୍ରପ୍-ଅଫ୍/ପିକ୍-ଅପ୍ ଲେନ୍ ଏବଂ ପ୍ରଚୁର ପାର୍କିଂ ସୁବିଧା ସହିତ ସମନ୍ୱିତ ପରିବହନ ଭିତ୍ତିଭୂମି। ୱାଇ-ଫାଇ, ଖରଡ କୋଚ୍ ସଙ୍କେତ ବୋର୍ଡ, ଟ୍ରେନ୍ ସୂଚନା ପ୍ରଦର୍ଶନ ଏବଂ ଉନ୍ନତ ଲାଉଞ୍ଜ କ୍ଷେତ୍ର ଭଳି ଡିଜିଟାଲ୍ ସୁବିଧା ।
ଷ୍ଟେସନ ଅନୁଯାୟୀ ପୁନଃବିକାଶ ବିବରଣୀ: ଅନୁଗୁଳ ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ?୨୫.୪୧ କୋଟି। ଆଧୁନିକ ସୁବିଧା ସହିତ ନୂତନ ଷ୍ଟେସନ ଭବନ। ଉନ୍ନତ ମୁଖଶାଳା, ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ ଟି ଲିଫ୍ଟ। ଏଲ୍‌ଇଡି ସାଇନେଜ୍, କୋଚ୍/ଟ୍ରେନ୍ ପ୍ରଦର୍ଶନ ବୋର୍ଡ। ଅତିରିକ୍ତ ୩୫-ବେ ପ୍ଲାଟଫର୍ମ ଆଶ୍ରୟସ୍ଥଳ। ତାଳଚେର ରୋଡ୍ ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ୧୮.୮୫ କୋଟି । ଆଧୁନିକ ନୂତନ ଷ୍ଟେସନ ଭବନ ଏବଂ ଉନ୍ନତ ମୁଖଶାଳା। ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ଟି ଲିଫ୍ଟ । ଏଲ୍‌ଇଡ-ଆଧାରିତ ସୂଚନା ପ୍ରଣାଳୀ। ୨୫ୱେବ ପ୍ଲାଟଫର୍ମ ଆଶ୍ରୟସ୍ଥଳ । ତାଳଚେର ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ୧୨.୯୭ କୋଟି। ନୂତନ ଷ୍ଟେସନ ଭବନ ଏବଂ ପ୍ଲାଟଫର୍ମ ଉନ୍ନତିକରଣ। ମୁଖଶାଳା ଉନ୍ନତି, ଏଲ୍‌ଇଡି ସାଇନ୍ ବୋର୍ଡ । ୧୫ ପ୍ଲାଟଫର୍ମ ଆଶ୍ରୟସ୍ଥଳ। ମେରାମଣ୍ଡଳୀ ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ୨୧.୯୯ କୋଟି। ନୂତନ ଷ୍ଟେସନ ଭବନ ଏବଂ ଉନ୍ନତ ମୁଖଶାଳା। ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ଟି ଲିଫ୍ଟ। ଡିଜିଟାଲ୍ ସାଇନ୍ ବୋର୍ଡ, ୨୦ ପ୍ଲାଟଫର୍ମ ଆଶ୍ରୟସ୍ଥଳ। ଢେଙ୍କାନାଳ ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ?୨୬.୧୧ କୋଟି। ଆଧୁନିକ ଯାତ୍ରୀ ସୁବିଧା ସହିତ ନୂତନ ଷ୍ଟେସନ ଭବନ। ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ଟି ଲିଫ୍ଟ, ଉନ୍ନତ ପଣ୍ୟ ସେବା ସେଡ୍ ସୁବିଧା। ଏଲ୍‌ଇଡି ଡିସପ୍ଲେ ବୋର୍ଡ, ୨୫ ପ୍ଲାଟଫର୍ମ ଆଶ୍ରୟସ୍ଥଳ। ଷ୍ଟେସନକୁ ରାସ୍ତା ସଂଯୋଗ କରିବା। ରେଢ଼ାଖୋଲ ଷ୍ଟେସନ । ମଞ୍ଜୁର ହୋଇଥିବା ମୂଲ୍ୟ ୨୬.୯୩ କୋଟି। ବିଦ୍ୟମାନ ଷ୍ଟେସନର ସମ୍ପୂର୍ଣ୍ଣ ପୁନଃବିକାଶ ଏବଂ ଦ୍ୱିତୀୟ ପ୍ରବେଶ ପଥର ବିକାଶ । ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍, ୨ଟି ଲିଫ୍ଟ। ପ୍ଲାଟଫର୍ମ ୧, ୨ ଏବଂ ୩ ରେ ୭ ପ୍ଲାଟଫର୍ମ ଆଶ୍ରୟସ୍ଥଳ। ସାଇନେଜ୍ ଉନ୍ନତିକରଣ, ଉନ୍ନତ ଶୌଚାଳୟ ଏବଂ ଦିବ୍ୟାଙ୍ଗଜନ-ଅନୁକୂଳ ବୈଶିଷ୍ଟ୍ୟଗୁଡ଼ିକ। ଏହି ଉନ୍ନୟନଗୁଡ଼ିକ କେବଳ ଯାତ୍ରୀଙ୍କ ଯାତାୟାତକୁ ସହଜ କରିବ ନାହିଁ ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ କେନ୍ଦ୍ରୀୟ ଓଡ଼ିଶାରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଉନ୍ନତ ସଂଯୋଗୀକରଣ ଏବଂ ବ୍ୟବହାରକାରୀ-କୈନ୍ଦ୍ରିକ ଡିଜାଇନ୍ ସହିତ ଏହି ଷ୍ଟେସନଗୁଡ଼ିକ ଆଧୁନିକ ପରିବହନ ହବ୍ ହେବାକୁ ପ୍ରସ୍ତୁତ ଯାହା ଏକ ପରିବର୍ତ୍ତିତ ଏବଂ ସ୍ଥାୟୀ ପରିବହନ ସେବା ପ୍ରଦାନ କରିବା ପାଇଁ ଭାରତୀୟ ରେଳବାଇର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଭାରତୀୟ ରେଳବାଇ ଏହି ପ୍ରକଳ୍ପଗୁଡ଼ିକର ସମୟସୀମା ଅନୁଯାୟୀ କାର୍ଯ୍ୟାନ୍ୱୟନ ଏବଂ ଗୁଣାତ୍ମକ ବିତରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୋହରାଇଛି ଯାହାର ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଅଗ୍ରଗତି କରୁଛି ଏବଂ ଆଗାମୀ କିଛି ବର୍ଷ ମଧ୍ୟରେ ସମାପ୍ତି ପାଇଁ ସ୍ଥିର କରାଯାଇଛି ।

# ସ୍କୁଲ ବନ୍ଦ ନିର୍ଦ୍ଦେଶକୁ ବିରୋଧ : ବାରଣ୍ଡାରେ ପାଠପଢ଼ିଲେ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସରକାରଙ୍କ ବିଚିତ୍ର ନୀତି, ଗୋଟିଏ ପଟେ ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ନାରା ଦେଉଥିବା ବେଳେ ରାଜଧାନୀରେ ଖୋଦ ମୁଖ୍ୟମନ୍ତ୍ରୀ ପ୍ରବେଶ ଓ ଖଡିଛୁଆଁ ଉତ୍ସବ ଉଦ୍‌ଘାଟନ କରୁଛନ୍ତି। ସେପଟେ ବିଧାନସଭାରେ ସ୍କୁଲ ଗଣଶିକ୍ଷା ମନ୍ତ୍ରୀ ବନ୍ଦ ସ୍କୁଲକୁ ପୁର୍ନଃବାର ଖୋଲିବାକୁ ବିଚାର କରୁଥିବା ବେଳେ ଏପଟେ ଗଣଶିକ୍ଷା ବିଭାଗର ଅଧିକାରୀ ଖୋଲାଥିବା ସ୍କୁଲକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଥିବାର ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ଖୋଦ ରାଜ୍ୟ ରାଜଧାନୀର ମଞ୍ଚେଶ୍ୱର ରେଲୱେ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି। ଷଷ୍ଠ, ସପ୍ତମ ଶ୍ରେଣୀରେ ଶିକ୍ଷକ ଅଭାବ କାରଣରୁ ନୂତନ ଶିକ୍ଷକ ନିଯୁକ୍ତି ନ ଦେଇ ଉକ୍ତ ଦୁଇଟି ଶ୍ରେଣୀ ଗୃହରେ ତାଲା ମାରିଦେବା, ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ନ ଆସିବା ପାଇଁ ତାଗିଦ୍ କରିବା, ପିଲାଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରିବା ଆଦି ଘଟଣାକୁ ନା ପସନ୍ଦ କରୁଛନ୍ତି ଅଭିଭାବକ। ସ୍ଥାନୀୟ ବାସିନ୍ଦାମାନେ ନୂତନ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ବାରଣ୍ଡାରେ ବସି ପାଠ ପଢିବୁ ନଚେତ୍ ପାଠ ପଢା ଛାଡିଦେବୁ ପଛେ ଅନ୍ୟ କୌଣସି ସ୍କୁଲକୁ ଯିବୁନାହିଁ ବୋଲି ଜିଦ୍‌ରେ ଅଟଳ ଦୁଇଟି ଶ୍ରେଣୀର ୧୩୦ ଛାତ୍ରଛାତ୍ରୀ। ସରକାର ଏଭଳି ନିଷ୍ପତ୍ତିକୁ ପୁନଃବିଚାର କରି ରେଲୱେ କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରିବା ପାଇଁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ବେରା ନିବେଦନ କରିଛନ୍ତି।
ସୂଚନା ଅନୁଯାୟୀ, ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱର ରେଲୱେ କଲୋନୀରେ ଥିବା ସ୍କୁଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଆସିଥିଲା । ଯାହାକୁ ନେଇ ଛାତ୍ରଛାତ୍ରୀମାନେ ବିରୋଧ କରିଥିଲେ। ଏପିରିକି ଗୁରୁବାର ଦିନ ସକାଳୁ ସକାଳୁ ଛାତ୍ରଛାତ୍ରୀମାନେ ସ୍କୁଲ ବାରଣ୍ଡାରେ ବସି ବିରୋଧ କରୁଛନ୍ତି। ସ୍କୁଲ ବାହାରେ ମଧ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବିରୋଧ କରୁଛନ୍ତି। ଉକ୍ତ ସ୍ଥାନରେ ସ୍କୁଲ ଚାଲିବା ସପକ୍ଷରେ ସ୍ଥାନୀୟ ନେତା, ବିଧାୟକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ମତ ଦେଇଛନ୍ତି । କାହା ଚାପରେ ଶିକ୍ଷା ବିଭାଗର ଅଧିକାରୀମାନେ ଏହି ନିଷ୍ପତ୍ତି ନେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି ।

## ଜିନ୍ଦଲ ଓ କୃଷକ ସଂଗଠନ ମଧ୍ୟରେ ଚୁକ୍ତି

# ପାରିପାର୍ଶ୍ୱିକ ଅଞ୍ଚଳର ଚାଷୀଙ୍କୁ ମିଳିବ ଅତ୍ୟାଧୁନିକ କୃଷି ଉପକରଣ




**ଯୋଡ଼ା, ନ୍ୟୁଜ ବ୍ୟୁରୋ**
ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଅତି କ୍ଷୁଦ୍ର ଚାଷୀଙ୍କ ବିକାଶ ପାଇଁ ଜିନ୍ଦଲ ଏଜୁକେଶନ ଏଣ୍ଡ ୱେଲଫେୟାର ସୋସୋଇଟି (ଜେଇଡବ୍ଲୁଏସ) ପକ୍ଷରୁ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ଗ୍ରାମର ’ଜୟ ମା’ ବୁରୁ କୃଷକ କ୍ଲବ’ ସହ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜେଇଡବ୍ଲୁଏସର ସମ୍ପାଦକ ଶ୍ରୀ ଭର୍ଜିଲ ଲାକ୍ରା ଓ କୃଷକ କ୍ଲବର ସଭାପତି ଶ୍ରୀ ପାଣ୍ଡିଆ ମୁଣ୍ଡା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଅନୁସାରେ ଅତି କ୍ଷୁଦ୍ର ଚାଷୀମାନଙ୍କୁ ଅତ୍ୟାଧୁନିକ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଯଥା; ଟ୍ରାକ୍ଟର, ଟ୍ରଲି, ରୋଟାଭେଟର ଓ ମଲ୍ଟି କ୍ରପ ଥ୍ରେସପର ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ଜେଇଡବ୍ଲୁଏସ ପକ୍ଷରୁ ଏହିସବୁ ଉପକରଣ ଯୋଗାଇ ଦିଆଯିବ। ଏହି ଚୁକ୍ତି ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା ସହ ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏହା ସହିତ ଚାଷୀମାନଙ୍କ ଉପରୁ ଶ୍ରମ ବୋଝ ମଧ ହ୍ରାସ ପାଇବ ଓ ସେମାନଙ୍କ ବିକାଶ ହେବ ବୋଲି ଉଭୟ ପକ୍ଷ ଆଶାବାଦୀ ଅଛନ୍ତି।

ଭୁବନେଶ୍ୱର
୧୧ ଅପ୍ରେଲ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଠାକୁରଙ୍କ ଦୟଣା ଚୋରି ନୀତି ସମ୍ପନ୍ନ : ୨ଦିନ ରତ୍ନଭଣ୍ଡାର ମରାମତି ବନ୍ଦ



**ପୁରୀ,୧୦/୦୪**
**ନ୍ୟୁଜ ବ୍ୟୁରୋ**

ବୁଧବାର ଦ୍ୱାଦଶୀ ତିଥିରେ ବଡ଼ଦେଉଳରେ କନ୍ଦର୍ପାଧିବାସ ନୀତି ସମ୍ପନ୍ନ ହୋଇଥିବା ବେଳେ ଠାକୁରଙ୍କ ଚନ୍ଦନଲାଗି ନୀତି ବଢ଼ିବା ପରେ କନ୍ଦର୍ପ ପଟି ଅଧିବାସ ହୋଇଥିଲା । କନ୍ଦର୍ପ ପଟିଙ୍କୁ ମହାସ୍ନାନ କରାଯାଇ ଭୋଗ ଅର୍ପଣ କରାଯାଇଥିଲା । ଏହାପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା । ଗୁରୁବାର ଠାକୁରଙ୍କ ଦୟଣା ଚୋରି ନୀତି ପାଳନ ହୋଇଛି । ଜଗନ୍ନାଥ ବଲ୍ଲଭଙ୍କୁ ଠାକୁରଙ୍କ ସହ କନ୍ଦର୍ପପଟି ବିଜେ ହୋଇଛନ୍ତି । ଦୟଣା ଚୋରି କରି ଠାକୁରେ ବନ୍ଧା ହେବା ପରେ ତ୍ରୟୋଦଶୀରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଥିଲା । ଇନ୍ଦ୍ରଦେବଙ୍କ ଉଦ୍ୟାନ ମାଳି କନ୍ଦର୍ପଙ୍କୁ ବାନ୍ଧି ଦୟଣା ଗଛ ଚୋରି କରିଥିଲେ ଶ୍ରୀରାମକୃଷ୍ଣ । ପରେ ସୁବାସିତ ଦୟଣା ଗଛ ଚୋରି କରିବା ଅଭିଯୋଗରେ ଠାକୁରେ ବନ୍ଧା ହୋଇଥିଲେ । ଶ୍ରୀମନ୍ଦିର ଭୋଗମଣ୍ଡପ ଘରେ ବନ୍ଧନ ଅବସ୍ଥାରେ ଠାକୁରଙ୍କୁ ରାତି ବିତାଇବାକୁ ହୋଇଛି । ସେଦିନ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀରାମକୃଷ୍ଣ ପାଲିଙ୍କିରେ ବିଜେ ହୋଇ ମଠରେ ପହଞ୍ଚିଥିଲେ । ଅଧିବାସ ହୋଇଥିବା କନ୍ଦର୍ପ ପଟିଙ୍କୁ ପାଲିଙ୍କି ସମ୍ମୁଖରେ ସ୍ଥାପନା କରାଯାଇଥିଲା । ଶ୍ରୀରାମକୃଷ୍ଣ ଓ କନ୍ଦର୍ପପଟି ମଠ ପରିସରରେ ବିଜେ ହୋଇଥିଲେ। କନ୍ଦର୍ପପଟିଙ୍କ ସମ୍ମୁଖରେ ବିଜେ କରାଯାଇ ବିଧି ଅନୁସାରେ ହୋମ ଯଜ୍ଞ ହୋଇଛି। ପ୍ରସାଦ ଲାଗି, ବନ୍ଦାପନା ଓ ଚାମର ଆଲଟ ବଢିଛି। ଠାକୁରଙ୍କୁ ଖିରି ପିଠା ଭୋଗ ଲାଗିଛି। ପରେ ବିଧି ମତେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ଦୟଣା ଲାଗି କରାଯାଇଛି । ଏହି ସ୍ୱତନ୍ତ୍ର ନୀତି ପାଇଁ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।



କେନ୍ଦୁଝର : ବୀର କିଶୋରପୁରଠାରେ ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶ ମାତୃକାର ସେବାରେ ସହିଦ ହୋଇଥିବା ରାଜକିଶୋର ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଅଚ୍ୟୁତ ସାମନ୍ତଙ୍କୁ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୧୦।୪**
**ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଇଂଲଣ୍ଡର ଖ୍ୟାତି ସମ୍ପନ୍ନ ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଗୁରୁବାର ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ଅଚ୍ୟୁତ ସାମନ୍ତଙ୍କ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଛନ୍ତି, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମୁଁ ନିରନ୍ତର ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିଆସୁଛି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଡ. ସାମନ୍ତ କହିଛନ୍ତି। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟ ଲଂଲଣ୍ଡର ଅନ୍ୟତମ ପୁରାତନ ଓ ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟ ଭାବେ ଖ୍ୟାତି ଅର୍ଜନ କରିଛି। ସମ୍ମାନସୂଚକ ଡକ୍ଟୋରେଟ୍ ପାଇଁ ମନୋନୟନ ପୂର୍ବରୁ ଶିକ୍ଷା ଜରିଆରେ ସମାଜସେବା କରୁଥିବା ଡ. ଅଚ୍ୟୁତ ସାମନ୍ତଙ୍କ ବିଷୟରେ ଜାଣି ବିଶ୍ୱବିଦ୍ୟାଳୟ ସିନେଟ୍ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଡେମ୍ ମାରୀ ଆର୍ଚର, କୁଳପତି ପ୍ରଫେସର ଜେମ୍ସ ଟୁଲେ, ଉପକୁଳପତି ପ୍ରଫେସର ହାରିଏଟ୍ ଡନବାର ମୋରିସ୍‌ଙ୍କ ସମେତ ସିନେଟ୍ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## ପ୍ୟାକେଜ୍ ଖାଦ୍ୟ ଉପରେ ସୁପ୍ରିମକୋର୍ଟଙ୍କ ଚେତାବନୀ

# ତିନି ମାସ ମଧ୍ୟରେ ଶେଷ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୦୯/୦୪**

ପ୍ୟାକେଜ୍ ହୋଇଥିବା ଖାଦ୍ୟ ଉପରେ ଚେତାବନୀ ଲେବଲ୍ ଲଗାଇବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରକୁ ଆଗାମୀ ତିନି ମାସ ମଧ୍ୟରେ ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତିନି ମାସ ମଧ୍ୟରେ ଏଫ୍ଏସ୍ଏସ୍ ଲେବଲିଂ ଏବଂ ଡିସ୍‌ପ୍ଲେ ରେଗୁଲେସନ ୨୦୨୦ରେ ସଂଶୋଧନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ କହିଛନ୍ତି। ସୂଚନାଥାଉକି, ପ୍ୟାକେଜ୍ ହୋଇଥିବା ଖାଦ୍ୟ ପ୍ୟାକେଟରେ ଚେତାବନୀ



ଲେବଲ୍ ଦେବାକୁ ଦାବି କରି ଜନସ୍ୱାର୍ଥରେ ଦାୟର ହୋଇଥିବା ଏକ ଆବେଦନ ଉପରେ ଜଷ୍ଟିସ୍ ଜେବି ପାରଦିୱାଲା ଏହି ମନ୍ତବ୍ୟ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ଜେବି ପାରଦିୱାଲା ପଚାରିଥିଲେ ଯେ, ଆପଣଙ୍କ ସମସ୍ତଙ୍କର ନାତିନାତୁଣୀ ଅଛନ୍ତି କି ? ଏହି ଆବେଦନର ନିଷ୍ପତ୍ତି ହେବାକୁ ଦିଅ, ତା'ପରେ ଜାଣିପାରିବ ଯେ କୁରକୁରରେ କିମ୍ବା ମ୍ୟାଗି କ'ଣ ଏବଂ ଏଥିରେ କି ପ୍ରକାରର ଆବରଣ ରହିବା ଉଚିତ। ସେମାନେ ପ୍ୟାକେଟ ଉପରେ କୌଣସି ସୂଚନା ଦେଖୁ ନାହାନ୍ତି। ସୂଚନାଥାଉକି, ଯେତେବେଳେ ଏହି ମାମଲାର ଶୁଣାଣି ହୋଇଥିଲା, କେନ୍ଦ୍ର ସରକାର ଏଫ୍ଏସ୍ଏସ୍ଏଆଇର ସତ୍ୟପାଠ ପ୍ରତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯେଉଁଥିରେ କୁହାଯାଇଛି ଯେ ହିତାଧିକାରୀମାନଙ୍କ ସମେତ ଜନସାଧାରଣଙ୍କଠାରୁ ଆପତ୍ତି ଆକାରରେ ପ୍ରାୟ ୧୪,୦୦୦ ମତାମତ ମିଳିଛି ଏବଂ କେନ୍ଦ୍ର ସରକାର ଏଫ୍ଏସ୍ଏସ୍ ଲେବଲିଂ ଏବଂ ଡିସ୍‌ପ୍ଲେ ରେଗୁଲେସନ ୨୦୨୦ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ଏଫ୍ଏସ୍ଏସ୍ଏଆଇକୁ ନୂତନ ନିୟମରେ ସଂଶୋଧନ ତିନି ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇ ଆବେଦନର ସମାଧାନ କରିଛନ୍ତି। ପ୍ୟାକେଜ୍ ହୋଇଥିବା ଖାଦ୍ୟ ଉପରେ ଏଫ୍ଓପିଏଲ୍ (ଫ୍ରଣ୍ଟ-ଅଫ୍-ପ୍ୟାକେଜ୍ ୱାର୍ଣ୍ଣିଂ ଲେବଲ୍) ଲାଗୁ କରିବାକୁ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେବା ପାଇଁ ନ୍ୟାୟିକ ହସ୍ତକ୍ଷେପ ନିମନ୍ତେ ଏହି ପିଆଇଏଲ୍ ଦାବି କରିଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଗୋଚର, ରକ୍ଷିତ ଜମି ବ୍ୟକ୍ତିଗତ ମାଲିକାନାକୁ ଯାଇପାରିବ ନାହିଁ

**କଟକ,୧୦/୦୪ ନ୍ୟୁଜ ବ୍ୟୁରୋ**

ସର୍ବସାଧାରଣଙ୍କ ଜମି ଏକ ବୃହତ୍ତର ଗୋଷ୍ଠୀଙ୍କ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥାଏ । ଏଭଳି ଜମିକୁ କେବେହେଲେ ବ୍ୟକ୍ତିଗତ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ନାହିଁ । ତେଣୁ ସର୍ବସାଧାରଣଙ୍କ ପାଇଁ ସଂରକ୍ଷିତ ଥିବା ଗୋଚର, ରକ୍ଷିତ ଜମି କୌଣସି ବ୍ୟକ୍ତିଙ୍କ ନାମରେ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ଯାଜପୁର ଜିଲ୍ଲାର ସନାତନ ନାୟକଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ଅବଶ୍ୟ କିଛି କିଛି ବିଶେଷ ଘଟଣାରେ ଏଥିପାଇଁ ଅନୁମତି ଦିଆଯାଇପାରେ । ଯେଉଁମାନେ ପ୍ରକୃତରେ ଭୂମିହୀନ ବା ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକ ସେମାନଙ୍କୁ ଆବଶ୍ୟକସ୍ଥଳରେ ଏହି ଜମିକୁ ଲିଜ୍ ସୂତ୍ରରେ ଦିଆଯାଇପାରେ । ସେହିପରି ସମୂହ କାମରେ ଲାଗୁଥିବା ବିଦ୍ୟାଳୟ କିମ୍ବା ମେଡିକାଲ ନିର୍ମାଣ କ୍ଷେତ୍ରରେ ସର୍ବସାଧାରଣଙ୍କ ଜମି ବ୍ୟବହାର କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାଯାଇଛି, ଯାଜପୁର ଜିଲ୍ଲା ଦଶରଥପୁର ତହସିଲ୍ ଅନ୍ତର୍ଗତ କେଲେଙ୍ଗା ଗ୍ରାମରେ ଥିବା ଏକ ରକ୍ଷିତ ଅନାବାଦି ଜମିରେ ଆବେଦନକାରୀ ଏକ ଆଜବେଷ୍ଟସ୍ ଘର ନିର୍ମାଣ କରିଥିଲେ । ଏହି ଜାଗାକୁ ଗତ ୩୦ବର୍ଷ ଧରି ଆବେଦନକାରୀ ନିଜ କବ୍‌ଜାରେ ରଖି ଆସୁଥିଲେ । ୨୦୧୮ ମସିହାରେ ସ୍ଥାନୀୟ ଆରଆଇ ଏନେଇ ଆବେଦନକାରୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ପରେ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍‌ଦାରଙ୍କ ପକ୍ଷରୁ ନୋଟିସ୍ କରାଯାଇଥିଲା। ଏହି ନୋଟିସ୍‌କୁ ଚାଲେଞ୍ଜ କରି ଆବେଦନକାରୀ ପ୍ରଥମେ ଯାଜପୁର ଉପଜିଲ୍ଲାପାଳ ଏବଂ ପରେ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ । କିନ୍ତୁ ସେଠାରେ ଏହି ଆବେଦନ ଖାରଜ ହୋଇଯାଇଥିଲା । ଏଥିସହ ତାଙ୍କୁ ୩୦ଦିନ ମଧ୍ୟରେ ଉକ୍ତ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଆଦେଶ ବିରୋଧରେ ଆବେଦନକାରୀ



ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି କହିଛନ୍ତି ଯେ, ଆବେଦନକାରୀ ବେଆଇନ ଭାବେ ସରକାରୀ ଜମିକୁ ନିଜ ଦଖଲରେ ରଖିଛନ୍ତି। ଆରଆଇ ଯେଉଁ ରିପୋର୍ଟ ଦେଇଛନ୍ତି ସେଥିରେ ଏହି ଜମିଟି ରକ୍ଷିତ ବୋଲି ଉଲ୍ଲେଖ ହୋଇଛି । ଯେଉଁ ଜମିକୁ କାହାରି ବ୍ୟକ୍ତଗତ ନାମରେ କରାଯାଇ ପାରିବ ନାହିଁ । ଆହୁରି ମଧ୍ୟ ଆବେଦନକାରୀଙ୍କର ନିଜସ୍ୱ ଜମି ମଧ୍ୟ ରହିଛି। ତେଣୁ ଆବେଦନକାରୀଙ୍କ ପିଟିସନ୍ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହ ପୂର୍ବରୁ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଛନ୍ତି ।

# ସାଇବର ଠକେଇ: ୩ମାସରେ ୧୨କୋଟି ଲୁଟ୍

**ଭୁବନେଶ୍ୱର, ୧୦/୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଉପରେ ୬ ରାଜ୍ୟର ସାଇବର ଠକଙ୍କ ନଜର ରହିଛି। ଫଳରେ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଗତ ୩ମାସରେ ଓଡ଼ିଶାରୁ ସାଇବର ଠକ ୧୨ କୋଟି ଟଙ୍କା ଲୁଟି ନେଇଛନ୍ତି। ପୁଲିସ ତଦନ୍ତ ବେଳେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଗୁଜରାଟ, ତାମିଲନାଡୁ, କେରଳ, ରାଜସ୍ଥାନ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସାଇବର ଠକମାନେ ଏଭଳି ଲୁଟ୍ କରିଛନ୍ତି। ନୂଆନୂଆ ତରିକାରେ ଏହି ଠକମାନେ ଆକାଉଣ୍ଟରୁ ଟଙ୍କା ଉଡ଼ାଇ ନେଉଛନ୍ତି। କେୱାଇସି ଆକାଉଣ୍ଟ ଅପ୍‌ଡେଟ୍, ଏଟିଏମ୍ ପିନ୍ ବଦଳାଇବା ସହିତ ସୋସିଆଲ୍ ମିଡିଆରେ ବ୍ଲାକ୍‌ମେଲ୍ କରି ସାଇବର ଠକମାନେ ଲୁଟୁଛନ୍ତି। ସେହିଭଳି ବିଦ୍ୟୁତ ବିଲ୍ ଓ ବିଭିନ୍ନ ନକଲି ଟ୍ରେଡିଂ ଆପ୍‌ରେ ପୁଞ୍ଜିନିବେଶ କରାଇ ଲୁଟୁଛନ୍ତି। ଜାନୁଆରୀ, ଫେବ୍ରୁୟାରୀ ଓ ମାର୍ଚ୍ଚ ଏହି ୩ମାସରେ ସାଇବର ଲୁଟେରା ୧୨କୋଟି ଟଙ୍କା ନେଇଯାଇଛନ୍ତି। ସାଇବର ଥାନା ପୁଲିସ କସରତ କରି ମାତ୍ର ୨କୋଟି ଟଙ୍କା ଫେରାଇ ପାରିଛି। ଡିସିପି ଜଗମୋହନ ମୀନା ୧୪୮ ହିତାଧିକାରୀଙ୍କୁ ୨କୋଟି ଟଙ୍କା ଫେରସ୍ତ କରିଛନ୍ତି। ଜାନୁଆରୀରେ ୪୨୪ଟି ଠକେଇ ଅଭିଯୋଗ ହୋଇଥିଲା। ସେଥିରୁ ୨୦୫ଟି ୟୁପିଆଇ, ୫୯ଟି କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡ, ୯୦ଟି ସୋସିଆଲ୍ ମିଡିଆ ଠକେଇ ଅଭିଯୋଗ ରହିଛି। ପୁଲିସ ମାତ୍ର ୨୭ଟି ମାମଲା ରୁଜୁକରିଛି। ଏସବୁ ମାମଲାରେ ସାଇବର ଠକ ୬କୋଟିରୁ ଅଧିକ ଟଙ୍କା ଲୁଟିଛନ୍ତି ଏବଂ ପୁଲିସ ମାତ୍ର ୧,୦୨,୭୮,୫୫୫ ଟଙ୍କା ଜବତ କରିଛି। ଏହି ଟଙ୍କା ୫୮ଜଣଙ୍କୁ ଦିଆଯାଇଛି। ସେହିପରି ଫେବ୍ରୁୟାରୀରେ ୩୧୧ଟି ଠକେଇ ଅଭିଯୋଗ ହୋଇଥିଲା। ସେଥିରୁ ୧୯୮ଟି ୟୁପିଆଇ, ୪୨ଟି କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡ, ୬୭ଟି ସୋସିଆଲ୍ ମିଡିଆ ଠକେଇ ଅଭିଯୋଗ ରହିଛି। ପୁଲିସ ମାତ୍ର ୧୫ଟି ମାମଲା ରୁଜୁ କରିଛି। ଏସବୁ ମାମଲାରେ ୩କୋଟିରୁ ଅଧିକ ଟଙ୍କା ଲୁଟ୍ ହୋଇଥିଲା ଏବଂ ପୁଲିସ



ମାତ୍ର ୪୩, ୬୬,୪୯୨ ଟଙ୍କା ଜବତ କରିଛି। ଏହି ଟଙ୍କା ୫୦ଜଣଙ୍କୁ ଦିଆଯାଇଛି। ମାର୍ଚ୍ଚରେ ୩୫୦ଟି ଠକେଇ ଅଭିଯୋଗ ହୋଇଥିଲା ଏବଂ ପୁଲିସ ମାତ୍ର ୧୦ଟି ମାମଲା ରୁଜୁକରିଛି। ଏସବୁ ମାମଲାରେ ୩କୋଟିରୁ ଅଧିକ ଟଙ୍କା ଲୁଟ୍ ହୋଇଥିଲା ଏବଂ ପୁଲିସ ୪୦ଜଣଙ୍କୁ ୪୪,୭୫,୦୬୦ ଟଙ୍କା ଫେରସ୍ତ କରିଛି। ବଡ଼ କଥା ହେଉଛି ସାଇବର ପୁଲିସ ସାମାଜିକ ଗଣମାଧ୍ୟମରେ ଥିବା ୬୫ଟି ଫେକ୍ ଆକାଉଣ୍ଟକୁ ବ୍ଲକ୍ କରିଛି। ଫେସ୍‌ବୁକ୍, ଇନ୍‌ଷ୍ଟା, ଟେଲିଗ୍ରାମ୍, ହ୍ୱାଟ୍ସଆପ୍ ଓ ୟୁ-ଟ୍ୟୁବ୍ ଆଦି ପ୍ଲାଟ୍‌ଫର୍ମରେ ଥିବା ଏହିସବୁ ନକଲି ତଥା ଠକ ଆକାଉଣ୍ଟକୁ ପୁଲିସ ଅଚଳ କରିଛି।

## ବିଶ୍ୱ ଦରବାରରେ ଚମକିବ କଟକର ତାରକସୀ : ପ୍ରଥମ ପର୍ଯ୍ୟାୟରେ ୮ କୋଟି ଟଙ୍କା ପ୍ରଦାନ କରିଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୧୦/୪ ନ୍ୟୁଜ ବ୍ୟୁରୋ**

ପୂରଣ ହେବାକୁ ଯାଉଛି ଦୀର୍ଘ ଦିନର ଦାବି। କଟକରେ ପ୍ରତିଷ୍ଠା ହେବ ଫିଲିଗ୍ରୀ କମନ ଫ୍ୟାସିଲିଟି ସେଣ୍ଟର। ଏଥର ବିଶ୍ୱ ଦରବାରରେ ଚମକିବ କଟକର ତାରକସୀ । ବିଶ୍ୱ ଦେଖିବ କଟକ ତାରକସୀର ସୂକ୍ଷ୍ମ କାରିଗରୀ। ଐତିହାସିକ କଟକ ସହରର ତାରକସୀ କାରିଗରଙ୍କୁ ରାଜ୍ୟ ସରକାରଙ୍କ ବଡ଼ ସୁଯୋଗ। କଟକରେ ତିଆରି ହେବ ଫିଲିଗ୍ରୀ କମନ ଫ୍ୟାସିଲିଟି ସେଣ୍ଟର । ଏଥିପାଇଁ କଟକ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେବା ପରେ ଡିପିଆର ପ୍ରସ୍ତୁତ ହୋଇଛି। ଡିପିଆରକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର। ଖୁବ୍‌ଶୀଘ୍ର ଫିଲିଗ୍ରୀ ହବ୍‌ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ। ଅନ୍ୟପଟେ ଏହି ସେଣ୍ଟର ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଆଠ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସିଡିଏ ସେକ୍ଟର ୬ ସ୍ଥିତ ପେଟାନାଳ ନିକଟରେ ଜାଗା ଚିହ୍ନଟ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗେଇ ଦିଆଯାଇଥିବା ଏହି ରାସ୍ତା କଡର ଜାଗାକୁ ପସନ୍ଦ କରିଛନ୍ତି କାରିଗର। ଏଇଠି ନିର୍ମାଣ କରାଯିବ ସେଣ୍ଟର। ଏହାଦ୍ୱାରା କଟକର ତାରକସୀ କାରିଗରଙ୍କୁ ପ୍ରୋତ୍ସାହନ, ତାରକସୀ କାରୁକାର୍ଯ୍ୟର ପ୍ରଚାର ପ୍ରସାର, ଆଧୁନିକ ଜ୍ଞାନ କୌଶଳ ସହାୟତାରେ ପ୍ରଶିକ୍ଷଣ ମିଳିବ। ଯାହାଦ୍ୱାରା ଭବିଷ୍ୟତର ପିଢ଼ି ତାରକସୀ କାମକୁ ଆଗକୁ ବଢେଇବେ ବୋଲି ଆଶା ରଖିଛନ୍ତି କଟକର ତାରକସୀ କାରିଗର। ସେପଟେ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ଆଇଆଇଟି କର୍ତ୍ତୃପକ୍ଷ ଓ କଟକ ଜିଲ୍ଲା ପ୍ରଶାସନ।



## ଏସ୍‌ବିଆଇ ଏଟିଏମ୍‌ର ନିୟମ ବଦଳିଲା

# ଲକ୍ଷେ ଟଙ୍କା ବାଲାନ୍ସ ଥିଲେ ଅସୀମିତ ଉଠାଣ ସୁବିଧା

**ନୂଆଦିଲ୍ଲୀ, ୧୦/୪**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକମାନଙ୍କ ପାଇଁ ଏଟିଏମ୍ କାରବାର ଚାର୍ଜ ଏବଂ ମାଗଣା ଏଟିଏମ୍ ବ୍ୟବହାର ସୀମା ବୃଦ୍ଧି କରିଛି। ବ୍ୟାଙ୍କର ଏହି ନୂତନ ନିୟମ ଚଳିତବର୍ଷ ଫେବୃୟାରୀ ପହିଲାଠାରୁ କାର୍ଯ୍ୟକାରୀ ହୋଇଛି। ଫି ଢ଼ାଞ୍ଚାକୁ ସୁଗମ କରିବା ଏବଂ ଡିଜିଟାଲ୍ ବ୍ୟାଙ୍କିଂକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ଯାହା ଫଳରେ ଏସ୍‌ବିଆଇ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଏଟିଏମ୍‌ରେ ଆର୍ଥିକ ଏବଂ ଅଣ-ଆର୍ଥିକ କାରବାର ପ୍ରଭାବିତ ହେବ।





ନୂତନ ନିୟମାନୁଯାୟୀ, ଯେଉଁ ଆକାଉଣ୍ଟଧାରୀ ବ୍ୟାଙ୍କ ଖାତାରେ ହାରାହାରି ମାସିକ ୧ ଲକ୍ଷ ଟଙ୍କାରୁ ଅଧିକ ବାଲାନ୍ସ ବଜାୟ ରଖିବେ, ସେମାନେ ଏସ୍‌ବିଆଇ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଏଟିଏମ୍ ଉଭୟରୁ ଅସୀମିତ ମାଗଣା କାରବାରର ସୁବିଧା ପାଇବେ। ଫଳରେ ସମସ୍ତ ମେଟ୍ରୋ କିମ୍ବା ଅଣ-ମେଟ୍ରୋ ଗ୍ରାହକମାନେ ଏବେ ପ୍ରତି ମାସରେ ଏସ୍‌ବିଆଇ ଏଟିଏମ୍‌ରୁ ୫ଟି ମାଗଣା ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୧୦ଟି ମାଗଣା କାରବାର କରିପାରିବେ। ଯେଉଁ ଗ୍ରାହକମାନେ ୨୫,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କା ମଧ୍ୟରେ ହାରାହାରି ମାସିକ ବାଲାନ୍ସ ବଜାୟ ରଖିବେ, ସେମାନେ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରେ ୫ଟି ମାଗଣା କାରବାର ସୁବିଧା ପାଇବେ।

ମାସିକ ମାଗଣା ଏଟିଏମ୍ କାରବାର ସୀମା ସମାପ୍ତ ହେବା ପରେ, ଏସ୍‌ବିଆଇ ଏଟିଏମ୍‌ରେ ପ୍ରତ୍ୟେକ କାରବାର ପାଇଁ ୧୫ ଟଙ୍କା + ଜିଏସ୍‌ଟି (ମେଟ୍ରୋ କିମ୍ବା ଅଣ-ମେଟ୍ରୋ) ଚାର୍ଜ ନିଆଯିବ। ଅନ୍ୟ ବ୍ୟାଙ୍କଗୁଡ଼ିକର ମାସିକ ମାଗଣା ଏଟିଏମ୍ କାରବାର ସୀମା ସମାପ୍ତ ହେବା ପରେ, ଏଟିଏମ୍‌ରେ ପ୍ରତ୍ୟେକ କାରବାର ପାଇଁ ୨୧ ଟଙ୍କା + ଜିଏସ୍‌ଟି(ମେଟ୍ରୋ କିମ୍ବା ଅଣ-ମେଟ୍ରୋ) ଚାର୍ଜ ଦେବାକୁ ପଡିବ। ମାଗଣା ସୀମା ସରିଯିବା ପରେ ମଧ ଏସ୍‌ବିଆଇ ଏଟିଏମ୍‌ରେ ବାଲାନ୍ସ ଚେକ୍ ଏବଂ ମିନି ଷ୍ଟେଟମେଣ୍ଟ ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବନାହିଁ। ତଥାପି, ଅନ୍ୟ ବ୍ୟାଙ୍କ ଏଟିଏମ୍‌ରେ ବାଲାନ୍ସ ଚେକ୍ ଏବଂ ମିନି ଷ୍ଟେଟମେଣ୍ଟ ପାଇଁ ମାଗଣା ସୀମା ପରେ ୧୦ ଟଙ୍କା + ଜିଏସ୍‌ଟି ଚାର୍ଜ ଲାଗୁ ହେବ। ଆରବିଆଇ ଏହାର ଟଙ୍କା ଉଠାଣ ଶୁଳ୍କ ୨ଟଙ୍କା ବୃଦ୍ଧି କରିଛି। ଏହା ମେ' ପହିଲାରୁ ଲାଗୁ ହେବ। ବର୍ତ୍ତମାନ, ମାଗଣା କାରବାର ସୀମା ଅତିକ୍ରମ କରିଥିଲେ ଟଙ୍କା ଉଠାଣ ପାଇଁ ବ୍ୟାଙ୍କଗୁଡ଼ିକ ୨୧ ଟଙ୍କା ଚାର୍ଜ ଆଦାୟ କରନ୍ତି। ମେ' ପହିଲାରୁ ଏହି ଚାର୍ଜ ୨୩ ଟଙ୍କା ନେବେ। ପୂର୍ବରୁ, ଆରବିଆଇ ମଧ ଏଟିଏମ୍ ଏକ୍ସଚେଞ୍ଜ ଫି' ବୃଦ୍ଧି କରିବାକୁ ଘୋଷଣା କରିଥିଲା। ଆରବିଆଇ ମଧ ଇଣ୍ଟରଚେଞ୍ଜ ଫି'ରେ ୨ ଟଙ୍କା ବୃଦ୍ଧି କରିଛି। ଏହାର ଅର୍ଥ ହେଉଛି ଏବେ ପ୍ରତ୍ୟେକ କାରବାର ପାଇଁ ୧୯ ଟଙ୍କା ଇଣ୍ଟରଚେଞ୍ଜ ଚାର୍ଜ ଦେବାକୁ ପଡିବ, ଯାହା ପୂର୍ବରୁ ୧୭ ଟଙ୍କା ଥିଲା। ଏଟିଏମ୍ ଇଣ୍ଟରଚେଞ୍ଜ ଫି ହେଉଛି ଏକ ଶୁଳ୍କ ଯାହା ଗୋଟିଏ ବ୍ୟାଙ୍କ ଅନ୍ୟ ଏକ ବ୍ୟାଙ୍କକୁ ଏଟିଏମ୍ ସେବା ପ୍ରଦାନ କରିବା ପାଇଁ ଦେଇଥାଏ।

# ବାଂଲାଦେଶକୁ ନେଇ ଭାରତର ବଡ ଘୋଷଣା : ବନ୍ଦ ହେବ ଲ୍ୟାଣ୍ଡ କଷ୍ଟମ ଷ୍ଟେସନସ୍ ସୁବିଧା

**ନୂଆଦିଲ୍ଲୀ, ୧୦/୪**

ଭାରତ ବାଂଲାଦେଶକୁ ନେଇ ଏକ ବଡ ଘୋଷଣା କରିଛି। ଦେଶ ପକ୍ଷରୁ ବାଂଲାଦେଶକୁ ଦିଆଯାଉଥିବା ଲ୍ୟାଣ୍ଡ କଷ୍ଟମ ଷ୍ଟେସନସ୍ (ଏଲସିଏସଏସ)କୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯାହାଫଳରେ ବାଂଲାଦେଶ ଏବେ ଆଉ ପୂର୍ବଭଳି ବିଭିନ୍ନ ତୃତୀୟ ପକ୍ଷ ଦେଶ ଗୁଡିକ ସହ ବାଣିଜ୍ୟ କାରବାର କରିପାରିବ ନାହିଁ। ଏହି ରୁଟ୍‌ରେ ଥିବା ଭାରତର ବିମାନ ବନ୍ଦର ଓ ପୋତାଶ୍ରୟ ମାଧ୍ୟମରେ ବାଂଲାଦେଶ ମୁଖ୍ୟତଃ ବିଭିନ୍ନ ତୃତୀୟ ପକ୍ଷ ଦେଶ ଗୁଡିକୁ କାର୍ଗୋ ସାମଗ୍ରୀ ରପ୍ତାନି କରୁଥିଲା। ସୂଚନା ମୁତାବକ, ବାଂଲାଦେଶର



ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଗତ ସପ୍ତାହରେ ଚୀନ ଗସ୍ତରେ ଯାଇଥିଲେ। ସେଠାରେ ସେ ଚାଇନା ସରକାରଙ୍କୁ ବାଂଲାଦେଶକୁ ଆସିବାକୁ ନିମନ୍ତ୍ରଣ ଦେଇଥିଲେ। ଭାରତ ପାଇଁ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପୂର୍ବୋତ୍ତର ଅଞ୍ଚଳ ନିକଟରେ ବାଣିଜ୍ୟ କରିବାକୁ ସେ ଚୀନକୁ ପ୍ରସ୍ତାବ ଦେବା ସହ ଏହି ଅଞ୍ଚଳକୁ ଲ୍ୟାଣ୍ଡଲକ ବୋଲି ଅଭିହିତ କରିଥିଲେ। ଏହା ସହ ଉକ୍ତ ଅଞ୍ଚଳକୁ ସମୁଦ୍ର ସହ ଯୋଡିବାକୁ ବାଂଲାଦେଶ ଏକମାତ୍ର ମାଧ୍ୟମ ଓ ବାଂଲାଦେଶ ହିଁ ବଙ୍ଗୋପସାଗରର ରକ୍ଷାକର୍ତ୍ତା ବୋଲି କହିଥିଲେ। ଏହି କଥା ସାମ୍ନାକୁ ଆସିବା ପରେ ଭାରତ ସରକାର ଏହାକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଏହି ନିୟମ ଭାରତ ପକ୍ଷରୁ ଗତ ଜୁନ ମାସ ୨୦୨୦ ମସିହାରେ ଘୋଷଣା କରାଯାଇଥିଲା। ଏହି ନିୟମ ମୁତାବକ ବାଂଲାଦେଶକୁ ନେପାଳ, ଭୂଟାନ ଓ ମ୍ୟାମାରକୁ ସାମଗ୍ରୀ ରପ୍ତାନୀ କରିବାକୁ ଭାରତୀୟ ବିମାନ ବନ୍ଦର ଓ ପୋତାଶ୍ରୟ ବ୍ୟବହାର କରିବାକୁ ଅନୁମତି ରହିଥିଲା। ତେବେ ଗତ ଏପ୍ରିଲ୍ ୮ ତାରିଖ ଦିନ ପରୋକ୍ଷ କର ଓ କଷ୍ଟମ କେନ୍ଦ୍ରିୟ ବୋର୍ଡ (ସିବିଆଇସି) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। '୨୯ ଜୁନ୍, ୨୦୨୦ ତାରିଖର, ସର୍କୁଲାରକୁ ତୁରନ୍ତ ପ୍ରଭାବରେ ସଂଶୋଧିତ କରି ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ଭାରତରେ ପ୍ରବେଶ କରିଥିବା କାର୍ଗୋକୁ ସେହି ସର୍କୁଲାରରେ ଦିଆଯାଇଥିବା ପ୍ରକ୍ରିୟା ଅନୁସାରେ ଭାରତୀୟ ଅଞ୍ଚଳରୁ ବାହାରକୁ ଯିବାକୁ ଅନୁମତି ଦିଆଯିବ,' ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ଏହି ନିୟମ ରଦ୍ଦ ହେବା ପରେ ଭାରତକୁ ବାଣିଜ୍ୟିକ ସେକ୍ଟରରେ ଲାଭ ହେବାକୁ ଯାଉଛି ବୋଲି ବିଭିନ୍ନ ବାଣିଜ୍ୟ ବିଶେଷଜ୍ଞମାନେ ମତ୍ତ ପ୍ରକାଶ କରିଛନ୍ତି। ଖାସକରି ବସ୍ତ୍ର, ଫୁଟୱେୟାର ଓ ରତ୍ନ ପଥର ଏବଂ ଅଳଙ୍କାର ବିପଣନ କ୍ଷେତ୍ରରେ ଭାରତକୁ ଲାଭ ମିଳିବ ବୋଲି ଆଶା କରାଯାଉଛି।